୬ ସ୍ପାନିଶ ସୁପର କପ୍ ୨୦୨୬ : ୩-୨ ଗୋଲ୍‌ରେ ରିୟଲ ମାଡ୍ରିଦ୍‌କୁ ହରାଇ ବାର୍ସେଲୋନା ଚାମ୍ପିଅନ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୨ • ସଂଖ୍ୟା–୩୪୭ • ୧୪ ଜାନୁଆରୀ ୨୦୨୬, ବୁଧବାର • ଭୁବନେଶ୍ୱର • Vol -32 • Issue-347 • 14th January 2026, Wednesday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## କେନ୍ଦୁଝରରେ ୧୯୦୦ କୋଟିରେ ୭୧ଟି ପ୍ରକଳ୍ପର ଶୁଭାରମ୍ଭ

# ୩-୪ ବର୍ଷରେ ରାଜ୍ୟର ଶ୍ରେଷ୍ଠ ଜିଲ୍ଲା ହେବ କେନ୍ଦୁଝର

ଭୁବନେଶ୍ୱର, ୧୩।୧

ନ୍ୟୁଜ୍‌ବ୍ୟୁରୋ

ଏହି ସମୟ କେନ୍ଦୁଝର ବିକାଶ ପାଇଁ ଠିକ୍ ସମୟ। 'ୟହି ସମୟ ହେ, କେନ୍ଦୁଝର ବିକାଶ କେଲିଏ, ବିଲକୁଲ ସହି ସମୟ ହେ'। ମଙ୍ଗଳବାର କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଇଁ ୧୯୦୦ କୋଟିରୁ ଊର୍ଦ୍ଧ୍ୱ ୭୧ଟି ପ୍ରକଳ୍ପର ଶୁଭଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ସୂଚନାଯୋଗ୍ୟଯେ, ମଙ୍ଗଳବାର ସମୁଦାୟ ୧୭୦୮ କୋଟି ଟଙ୍କା ମୂଲ୍ୟର ୩୫ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିବା ବେଳେ ପ୍ରାୟ ୧୯୪ କୋଟି ଟଙ୍କାର ପ୍ରକଳ୍ପର ଲୋକାର୍ପଣ କରାଯାଇଛି। ଏଥିରେ କେନ୍ଦୁଝରର ସ୍କୁଲ, ହଷ୍ଟେଲ, ଜଳସେଚନ, ପାର୍କିଂ ଜୋନ୍, ରାସ୍ତା ନିର୍ମାଣ, ପୋଖରୀ ଉନ୍ନତିକରଣ, ପର୍ଯ୍ୟଟନ ପ୍ରକଳ୍ପ, ଲାଇବ୍ରେରୀ, କ୍ୟାରିଅର କାଉନସେଲିଂ ସେଣ୍ଟର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଅଙ୍ଗନୱାଡ଼ି ବିଲ୍ଡିଂ ଇତ୍ୟାଦି ଅନ୍ତର୍ଭୁକ୍ତ।

ପୂର୍ବ ଘୋଷଣା ଅନୁଯାୟୀ କେନ୍ଦୁଝରରେ ରିଜନାଲ ପ୍ଲାଣ୍ଟ ରିସୋର୍ସ ସେଣ୍ଟର ପାଇଁ ୫୦ କୋଟି ଟଙ୍କା ବିନିଯୋଗରେ ଶିଳାନ୍ୟାସ କରାଯାଇଥିବା ବେଳେ ୩୮ କୋଟି ୨୨ ଲକ୍ଷ ଟଙ୍କାରେ ୧୪୭ଟି ମଡେଲ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା ପାଇଁ ମଧ୍ୟ ଶିଳାନ୍ୟାସ କରାଯାଇଛି।



୧୦୧ କୋଟି ଟଙ୍କା ବିନିଯୋଗରେ ୬ଟି ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ମଧ୍ୟ ଶିଳାନ୍ୟାସ କରାଯାଇଛି।କେନ୍ଦୁଝରର ବିଭିନ୍ନ ସ୍ଥାନରେ ୨୧.୫୦ କୋଟି ଟଙ୍କା ବିନିଯୋଗରେ ୧୦୪ଟି ଏସିଆର, ଆଇସିଟି ଲ୍ୟାବ୍ ଓ ବାଉଣ୍ଡାରୀ ୱାଲର ଉଦ୍‌ଘାଟନ କରାଯାଇଛି। ଏଥିସହିତ ୧୪ କୋଟି ଟଙ୍କା ବିନିଯୋଗରେ ଚମ୍ପୁଆରେ ନିକଲସନ୍ ଫରେଷ୍ଟ ଟ୍ରେନିଂ ସ୍କୁଲ ମଧ୍ୟ ପ୍ରତିଷ୍ଠା କରାଯାଇଛି। ସେହିପରି ୯.୬୦ କୋଟି ଟଙ୍କାରେ ଖଣି କ୍ଷେତ୍ରରେ ସ୍ଥାନୀୟ ଯୁବକମାନଙ୍କୁ ସ୍କିଲ୍ ଟ୍ରେନିଂ ଦେବା ପାଇଁ ଡିଏମଏଫ ଖଣି ଶକ୍ତିର ଉଦ୍‌ଘାଟନ କରାଯାଇଛି।

ଯେବେଠୁ ମାଆ ତାରିଣୀଙ୍କ ପ୍ରକଳ୍ପର ଶିଳାନ୍ୟାସ ହୋଇଛି, ସେବେଠାରୁ କେନ୍ଦୁଝରର ବିକାଶର ଡବଲ ଇଞ୍ଜିନ ଗାଡ଼ିରେ ରକେଟ୍ ଇଞ୍ଜିନ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ। କେଉଁଝର କେବଳ ଏକ ଜିଲ୍ଲା ନୁହେଁ – ଏହା ଉତ୍କୃଷ୍ଟ ପ୍ରାକୃତିକ ସମ୍ପଦର ଭୂମି। ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ କର୍ମଠ ଲୋକଙ୍କ ଭୂମି। ଏହି ମାଟି ଓଡ଼ିଶାର ଆର୍ଥିକ ଶକ୍ତିରେ ଅପାର ଅବଦାନ ରଖିଛି। ଖଣିଜ ପଦାର୍ଥ ଠାରୁ ଆରମ୍ଭ କରି ଜଙ୍ଗଲ, କୃଷି ଠାରୁ ମାନବ ସମ୍ବଳ ପର୍ଯ୍ୟନ୍ତ, କେନ୍ଦୁଝର ସର୍ବଦା ରାଜ୍ୟର ଅଭିବୃଦ୍ଧିକୁ ଶକ୍ତି ପ୍ରଦାନ କରିଆସିଛି।

କେନ୍ଦୁଝର ଏକ ଇସ୍ପାତ ନଗରୀ ଭାବେ ଓଡ଼ିଶାର ଅର୍ଥନୀତିରେ ଆହୁରି ଅବଦାନ ରଖିବ। କେନ୍ଦୁଝରକୁ ପ୍ରାୟ ଅଧିକାଂଶ ରାସ୍ତା ୬ ଥାକିଆ ବିଶିଷ୍ଟ କରାଯିବ। ବଡ଼ବିଲରେ ଏକ ରିଙ୍ଗ ରୋଡ଼ କରାଯିବ। ସେ କହିଥିଲେ, ଆସନ୍ତା ୩-୪ ବର୍ଷ ଭିତରେ କେନ୍ଦୁଝର ରାଜ୍ୟର ଏକ ଶ୍ରେଷ୍ଠ ଜିଲ୍ଲା ଭାବରେ ପ୍ରତିଷ୍ଠା ହାସଲ କରିବ। ସେହି କ୍ରମରେ କେନ୍ଦୁଝର ପାଇଁ ୧୭୦୮ କୋଟି ଟଙ୍କାର ୩୫ଟି ପ୍ରକଳ୍ପର ଶିଳାନ୍ୟାସ ସହିତ, ୧୯୪ କୋଟି ଟଙ୍କାର ୩୬ଟି ପ୍ରକଳ୍ପ ଉଦ୍‌ଘାଟିତ ହେଉଛି ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହୁରି କହିଥିଲେ, ଆମ ସରକାର ରାଜ୍ୟର ସନ୍ତୁଳିତ ବିକାଶ ଦିଗରେ କାର୍ଯ୍ୟ କରୁଛି। ୨୦୦୦ ମସିହା ପରେ ମୁଁ ଅନେକ ବାର ବିଧାନସଭା ଭିତରେ ଏବଂ ବାହାରେ ଏହି ଆଞ୍ଚଳିକ ବୈଷମ୍ୟତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲି। କାରଣ ମୋ ନିଜ ଜିଲ୍ଲା ଏହି ଆଞ୍ଚଳିକ ବୈଷମ୍ୟତାର ଶିକାର ହୋଇଥିଲା। ଆମ ସରକାର ଆସିବା ମାତ୍ରେ ଲୋକଙ୍କ ଏହି ଅଭିଯୋଗକୁ (ପୃଷ୍ଠା ୭ରେ)

## 'ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍'

# ରିସ୍କ ନେବାକୁ ନ ଡରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

ନୂଆଦିଲ୍ଲୀ, ୧୩।୧

ଭାରତର ଯୁବପିଢ଼ି ସୃଜନଶୀଳତାରେ ଭରିରହିଛନ୍ତି। ନୂଆ ଚିନ୍ତାଧାରା, ଶକ୍ତି ଏବଂ ଉଦ୍ଦେଶ୍ୟ ସହିତ ଯୁବପିଢ଼ି ରାଷ୍ଟ୍ର ନିର୍ମାଣରେ ସବୁଠୁ ଆଗରେ ଅଛନ୍ତି। ସେମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ପ୍ରଚୁର ସୁଯୋଗ ରହିଛି। ରିସ୍କ ନେବା ପାଇଁ ସେମାନେ ଆଦୌ ଭୟଭୀତ ହେବା ଉଚିତ ନୁହେଁ। ସରକାର ସେମାନଙ୍କ ସହ ଅଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ସୋମବାର ଆୟୋଜିତ 'ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍ ୨୦୨୬'ରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି। ଏହି ଅବସରରେ ଯୁବପିଢ଼ିଙ୍କ ଦ୍ୱାରା ପ୍ରସ୍ତୁତ ନବସୃଜନ ଆଧାରିତ ପ୍ରଦର୍ଶନୀ ବୁଲି ଦେଖିଛନ୍ତି ମୋଦୀ। କାର୍ଯ୍ୟକ୍ରମକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରଥମେ ମୁଖ୍ୟମନ୍ତ୍ରୀ ଏବଂ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଭାବେ ଦେଶର ଯୁବପିଢ଼ିଙ୍କ ଉପରେ ମୋର



ଅଧିକ ବିଶ୍ୱାସ ରହିଛି। ସେମାନଙ୍କ ଶକ୍ତିରୁ ମୋତେ ଶକ୍ତି ମିଳିଥାଏ। ଡିଜିଟାଲ ଇଣ୍ଡିଆ ଦେଶରେ 'କ୍ରିଏଟର(ସୃଷ୍ଟିକର୍ତ୍ତା)'ଙ୍କର ଏକ ନୂଆ ବର୍ଗ ପ୍ରସ୍ତୁତ କରିଛି। ଆଜି ଭାରତରେ ଅରେଞ୍ଜ୍ ଇକୋନୋମି ବା ସଂସ୍କୃତି, କଣ୍ଟେଣ୍ଟ ଏବଂ ସୃଜନଶୀଳତା ଦ୍ରୁତ ଗତିରେ ଆଗକୁ ବଢ଼ୁଛି। ଆମ ପାଖରେ ରାମାୟଣ, ମହାଭାରତ ଭଳି ଅସଂଖ୍ୟ (ପୃଷ୍ଠା ୭ରେ)

# ଶତ୍ରୁକୁ ଚେତାବନୀ ଶୁଣାଇଲେ ସ୍ଥଳସେନା ମୁଖ୍ୟ

ନୂଆଦିଲ୍ଲୀ, ୧୩।୧

ଭାରତ 'ଅପରେସନ୍ ସିନ୍ଦୂର' ସମୟରେ ପାକିସ୍ତାନର ଯେକୌଣସି ଗୋଟିଏ ଭୁଲ୍‌ର ଜବାବ ଦେବାକୁ ପ୍ରସ୍ତୁତ ଥିଲା। ସୀମାରେ ଆଲର୍ଟ ମୋଡ୍‌ରେ ଥିଲା ସେନା। ଯଦି ସେହି ୮୮ ଘଣ୍ଟା ମଧ୍ୟରେ ପାକିସ୍ତାନ କିଛି ବି ଭୁଲ କରିଥାନ୍ତା ତେବେ ସ୍ଥଳପଥରେ ଆକ୍ରମଣ ପାଇଁ ପ୍ରସ୍ତୁତ ଥିଲୁ। ଏଲଏସିରେ ପରିସ୍ଥିତି ବର୍ତ୍ତମାନ ସ୍ୱାଭାବିକ ରହିଛି। ତଥାପି



'ଅପରେସନ୍ ସିନ୍ଦୂର' ଏବେ ବି ଜାରି ରହିଛି। କଶ୍ମୀରରେ ସ୍ଥାନୀୟ ଆତଙ୍କବାଦୀଙ୍କ ସଂଖ୍ୟା ଏକକ ସଂଖ୍ୟାରେ ପହଞ୍ଚିଥିବା କହିଛନ୍ତି ସ୍ଥଳସେନା ମୁଖ୍ୟ। ଅପରେସନ୍ ସିନ୍ଦୂରରୁ ଭାରତ କ'ଣ ଶିଖିଲା? ସିନ୍ଦୂର ମାଡ଼ରେ ପାକିସ୍ତାନ ଅବସ୍ଥା କ'ଣ ହୋଇଛି ତା'ର ଗୋଟିଏ ଗୋଟିଏ ଡିଲେଟ୍ ବିସ୍ତୃତ ପ୍ରେସ୍ ବାର୍ତ୍ତାରେ ସୂଚନା ଦେଇଛନ୍ତି ସ୍ଥଳସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ। ଏକ ସାମ୍ବାଦିକ ସମ୍ମିଳନୀରେ ସେନା ମୁଖ୍ୟ ଶ୍ରୀ ଦ୍ୱିବେଦୀ ଗତବର୍ଷ ମେ'ରେ ହୋଇଥିବା (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ପୋଲିସ ଏସଆଇ ମହା-କେଳେଙ୍କାରୀ ମାମଲା, ୧୦ ପରୀକ୍ଷାର୍ଥୀଙ୍କୁ ସିବିଆଇର ସମନ।
- ଝାରସୁଗୁଡ଼ା ରେଳ ଷ୍ଟେସନରେ ଅଗ୍ନିକାଣ୍ଡ।
- କଳାହାଣ୍ଡିରେ ଠିକାଦାରଙ୍କ ଗୋଦାମରେ ଆଗ୍ନିକାଣ୍ଡ ଘଟଣାର ତଦନ୍ତ ଆରମ୍ଭ।
- ସହର ଯାତାୟାତ ସୁବିଧା ପାଇଁ ନୂଆ ଆପ୍‌ର ଶୁଭାରମ୍ଭ।
- ଯାତାୟାତ ସମସ୍ୟା ଦୂର ନିମନ୍ତେ ପ୍ରଯୁକ୍ତିକ ସଂସ୍ଥା ସହ ଚୁକ୍ତି।
- ରାଜଧାନୀରେ ହସ୍ତଶିଳ୍ପ ମେଳା ଆରମ୍ଭ।
- ଶିଳ୍ପ ପ୍ରଶିକ୍ଷଣ ସଂସ୍ଥାଗୁଡ଼ିକର ଉନ୍ନତି ଯୋଜନା।
- ଦେଶରେ ନୂଆ ଶୋଇବା ସୁବିଧା ରେଳ ସେବା ଆରମ୍ଭ ଘୋଷଣା।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୫୩ (+୩୮)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୦୬୫ (+୩୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୬୯୦ (+୨୯)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୯୨ (+୫)

## ଏକାଳ ପଖାଳ



ଆଜିଠୁ ସୂର୍ଯ୍ୟଙ୍କ ଉତ୍ତରାୟଣ
ଶୀତ ଧୀରେ ଯିବ ଉଡ଼ି
ମକର ଚାଉଳ ଖାଇ ଉଡ଼ାଇବ
ହର୍ଷ ଉଲ୍ଲାସରେ ଗୁଡ଼ି
ମାଞ୍ଜା ସୂତା ନ ଯୋଡ଼ି
ଜୀବନ ସହିତ ଖେଳି ନ ଜନେ
ଆନନ୍ଦରେ ଯାଅ ବୁଡ଼ି।

# ଭଙ୍ଗାଯିବ ନଅ ତାଲା, ରାଜୀବ ଭବନ ଓ ସେଚ ସଦନ



ଭୁବନେଶ୍ୱର, ୧୩।୧

ନ୍ୟୁଜ୍‌ବ୍ୟୁରୋ

ବର୍ତ୍ତମାନ ଲୋକସେବା ଭବନର ଅତି ନିକଟରେ ଥିବା ନଅ ତାଲା, ସେଚ ସଦନ ଏବଂ ରାଜୀବ ଭବନକୁ ଭଙ୍ଗାଯିବ। ଏନେଇ ସୂଚନା ଦେଇଛନ୍ତି ନିର୍ମାଣ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ, ଏ ସବୁ କୋଠା ବିପଦସଙ୍କୁଳ ବୋଲି ଘୋଷଣା ହୋଇସାରିଛି। ଏହାସହିତ ତିନୋଟି ପର୍ଯ୍ୟାୟରେ ନୂଆ ଲୋକସେବା ଭବନ ନିର୍ମାଣ ହେବ। ପ୍ରଥମ ପର୍ଯ୍ୟାୟରେ ଲୋକସେବା ଭବନର ମୁଖ୍ୟ ଅଫିସଟି ଖାରବେଳ ଭବନ ନିକଟରେ ନିର୍ମାଣ ହେବ। ଏହାପରେ ପାୱାର ହାଉସ ଛକକୁ ଲାଗି ଏଡିଏମ୍ ଅଫିସ, ଓସେପା ଅଫିସ୍ ପାଖରେ ହେବ ନୂତନ ଲୋକସେବା ଭବନ ଅଫିସ୍। ଅନ୍ୟପଟେ ରାଜ୍ୟରେ ନୂଆ ବିଧାନସଭା ତିଆରି ନେଇ ଖବର ଆସିବା ପରେ, ଚର୍ଚ୍ଚା ହେଉଥିଲା ଯେ, ପୁରୁଣା ବିଧାନସଭା କ'ଣ ହେବ? ଏନେଇ ସ୍ପଷ୍ଟୀକରଣ ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ବର୍ତ୍ତମାନ ଥିବା ବିଧାନସଭା କୋଠାକୁ ଭଙ୍ଗାଯିବନି। ଏହାକୁ ସନ୍ତକ ହିସାବରେ ରଖାଯିବ। ଏମିତିକି ଭବିଷ୍ୟତରେ ଏହାକୁ ମ୍ୟୁଜିୟମ ଭାବରେ ମଧ୍ୟ ବ୍ୟବହାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯଦି ଆଗକୁ ଓଡ଼ିଶାରେ ବିଧାନ ପରିଷଦ ଗଠନ ହୁଏ ତେବେ ଏହି ପୁରୁଣା ବିଧାନସଭା ଗୃହକୁ ବିଧାନ (ପୃଷ୍ଠା ୭ରେ)

# ନାଟକ ଆମ ଚିନ୍ତାଧାରାକୁ ପ୍ରଦର୍ଶିତ କରିବାର ଏକ ଶକ୍ତିଶାଳୀ ମାଧ୍ୟମ : ମୁଖ୍ୟମନ୍ତ୍ରୀ

କେନ୍ଦୁଝର/ଭୁବନେଶ୍ୱର, ୧୩।୧

ନ୍ୟୁଜ୍‌ବ୍ୟୁରୋ

କଳା ଏବଂ ସଂସ୍କୃତି ଯେକୌଣସି ସମାଜର ଆତ୍ମା। ଏହା ଦ୍ୱାରା ଆମର ଚିନ୍ତାଧାରା, ଆମର ସଂଘର୍ଷ, ଆମର ଆଶା ଏବଂ ଆମର ସ୍ୱପ୍ନକୁ ପ୍ରତିଫଳିତ ହୋଇଥାଏ ବୋଲି ମଙ୍ଗଳବାର ନୃତ୍ୟ ଅନୁଷ୍ଠାନ ସ୍ପିରଜା ଏବଂ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା ପକ୍ଷରୁ ଆୟୋଜିତ ଅଭିନୟ କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

କେନ୍ଦୁଝର ଜିଲ୍ଲା ଅଡିଟୋରିୟମଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସହଯୋଗରେ ନ୍ୟାସନାଲ ସ୍କୁଲ ଅଫ ଡ୍ରାମାର ଶାଖା କେନ୍ଦୁଝରରେ ପ୍ରତିଷ୍ଠା ହେବ ଏବଂ ଏହାର ସମସ୍ତ ଆନୁସଙ୍ଗିକ ଉନ୍ନତି ପାଇଁ ରାଜ୍ୟ ସରକାର ସମସ୍ତ ସାହାଯ୍ୟ କରିବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ନାଟକ ଆମ ଚିନ୍ତାଧାରାକୁ ପ୍ରଦର୍ଶିତ କରିବାର ଏକ ଶକ୍ତିଶାଳୀ ମାଧ୍ୟମ। ଏହା କେବଳ ମନୋରଞ୍ଜନ କରେ ନାହିଁ ବରଂ ଶିକ୍ଷା ମଧ୍ୟ ଦିଏ। ଏହା ପ୍ରଶ୍ନ ପଚାରେ, ସଚେତନତା ବାଣ୍ଟେ, ଆଉ ଦର୍ଶକଙ୍କୁ ଭାବ ସହିତ ସମାଜର ଭାବକୁ ଯୋଡ଼ିଥାଏ। ନାଟକ ମାଧ୍ୟମରେ, ଆମେ ସହାନୁଭୂତି, ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ ଆତ୍ମ-ପ୍ରକାଶ ଶିଖୁ ବୋଲି ସେ କହିଥିଲେ।

ସେ କହିଥିଲେ ଯେ, ଜାତୀୟ ନାଟ୍ୟ ବିଦ୍ୟାଳୟ ଭାରତୀୟ ନାଟ୍ୟଶାଳାକୁ ଗଠନ କରିବାରେ ଏବଂ କଳାକାରମାନଙ୍କୁ ପିଢ଼ି ପରେ ପିଢି ଅଭିନୟ କଳା ସହିତ ଯୋଡି ରଖିବାରେ ଏକ ଐତିହାସିକ ଭୂମିକା ଗ୍ରହଣ କରିଛି। କେନ୍ଦୁଝର ପ୍ରକୃତି, ପରମ୍ପରା ଏବଂ (ପୃଷ୍ଠା ୭ରେ)

# ୨୦୨୬ରେ ପଦ୍ମରେ ସଜାଇ ହେବ 'ବ୍ରିକ୍ସ ମଞ୍ଚ'



ନୂଆଦିଲ୍ଲୀ, ୧୩।୧

ଭାରତର ଅଧ୍ୟକ୍ଷତାରେ ୨୦୨୬ରେ ବ୍ରିକ୍ସ ସମ୍ମିଳନୀ ଆରମ୍ଭ ହେବ। ପଦ୍ମ ଫୁଲରେ ସଜାଇ ଦିଆଯିବ ବ୍ରିକ୍ସର ମଞ୍ଚ। ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମଙ୍ଗଳବାର ବ୍ରିକ୍ସ ୨୦୨୬ ପାଇଁ ଅଫିସିଆଲ ଲୋଗୋ ଓ ୱେବସାଇଟ୍ ଲଞ୍ଚ କରିଛନ୍ତି। ଏହି ଲୋଗୋ ଭିତରେ ପଦ୍ମ ଫୁଲ ସମସ୍ତଙ୍କ ଧ୍ୟାନ ଆକର୍ଷିତ କରିଥିଲା। ଲଞ୍ଚ ପରେ ବୈଦେଶିକ ମନ୍ତ୍ରୀ କହିଛନ୍ତି, ଭାରତର ଅଧ୍ୟକ୍ଷତାରେ ବ୍ରିକ୍ସ ସମୂହ ଜରିଆରେ ବିଶ୍ୱ କଲ୍ୟାଣକୁ ଆଗକୁ ବଢାଇବା ଉପରେ ଜୋର ଦିଆଯିବ, ବିଶେଷ ଭାବରେ ଏଭଳି ସମୟରେ ଯେତେବେଳେ ଗୋଷ୍ଠୀ ନିଜର ୨୦ତମ ବାର୍ଷିକୀ ପାଳନ କରୁଛି। ଅଧିକାରୀଙ୍କ କହିବା ଅନୁସାରେ, ନୂଆ ଲୋଗୋର ପ୍ରେରଣା ପଦ୍ମ ଫୁଲରୁ ନିଆଯାଇଛି। ଏହା ଭାରତର ଗଭୀର ସାଂସ୍କୃତିକ ଐତିହ୍ୟ ଓ ମଜବୁତିର ପ୍ରତୀକ। ଲୋଗୋର ପାଖୁଡାରେ ବ୍ରିକ୍ସ ଦେଶର ରଙ୍ଗ ଦେଖା (ପୃଷ୍ଠା ୭ରେ)




ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଫରେନ୍ ଲାଙ୍ଗୁଏଜ୍ ସିଣ୍ଡ୍ରୋମ୍

ଦୁନିଆରେ କେତେପ୍ରକାର ରୋଗ ଅଛି । ଫରେନ୍ ଲାଙ୍ଗୁଏଜ୍ ସିଣ୍ଡ୍ରୋମ୍ ତା ମଧ୍ୟରେ ଅନ୍ୟତମ । ଏହି ରୋଗ ହେଲେ ରୋଗୀ ସଂପୂର୍ଣ୍ଣ ଭାବେ ଜାଣି ନ ଥିବା ଏମିତି ଏକ ଭାଷା କିଛିସମୟପାଇଁ ଖୁବ୍ ପ୍ରାଞ୍ଜଳ ଭାବେ କହିଥାନ୍ତି ଯାହା ଶୁଣୁଥିବା ଲୋକ ବିଶ୍ୱାସ କରିପାରେ ନାହିଁ । ଆମେରିକା ଉଟା ରାଜ୍ୟର ବାସିନ୍ଦା ୩୩ ବର୍ଷୀୟ ଯୁବକ ଷ୍ଟିଫେନ୍ ଚେଜ୍‌ଙ୍କର ନିକଟରେ ନାକରେ ଏକ ଛୋଟ ଅପରେସନ୍ ହୋଇଥିଲା । ଚେତା ଫେରିବାମାତ୍ରେ ସେଠାରେ ଉପସ୍ଥିତ ନର୍ସ ଏବଂ ମେଡିକାଲ୍ କର୍ମଚାରୀ ତାଙ୍କୁ ସ୍ୱାସ୍ଥ୍ୟାବସ୍ଥା କିଭଳି ଅଛି ବୋଲି ପଚାରିଥିଲେ । ଷ୍ଟିଫେନ୍ କିନ୍ତୁ ଇଂରାଜୀ ନୁହେଁ, ସ୍ପାନିଶ୍ ଭାଷାରେ ସେମାନଙ୍କ ପ୍ରଶ୍ନର ଜବାବ ଦେଇଥିଲେ । ସ୍ପାନିଶ୍ ଭାଷାରେ ତାଙ୍କର ଦଖଲ ନଥିବାବେଳେ ସେ କିପରି ଅନର୍ଗଳ ସେହି ଭାଷା କହିପାରିଲେ ଏହା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କର ଏହି ସ୍ଥିତି ଘଣ୍ଟାଏରୁ କମ୍ ସମୟ ଯାଏ ରହିଲା । ଏହାପରେ ତାଙ୍କୁ ଏଥିନେଇ ପ୍ରଶ୍ନ କରାଯିବାରୁ ଷ୍ଟିଫେନ୍ କହିଥିଲେ ଯେ, ପୂର୍ବରୁ ବି ତାଙ୍କ ସହିତ ଏଭଳି ଘଟିସାରିଛି । ୧୯ ବର୍ଷର ହୋଇଥିବାବେଳେ ଫୁଟବଲ ଖେଳିବା ସମୟରେ ଆଘାତ ଲାଗିବାରୁ ତାଙ୍କର ଡାହାଣ ଆଣ୍ଠୁରେ ଏକ ଅସ୍ତ୍ରୋପଚାର କରାଯାଇଥିଲା । ଅପରେସନ୍ ପରେ ରିକଭରି ରୁମ୍‌ରେ ଥିବା ନର୍ସମାନେ ତାଙ୍କୁ ସାଧାରଣ ପ୍ରଶ୍ନ ପଚାରିଥିଲେ । ସେ ସ୍ପାନିଶ୍ ଭାଷାରେ ତାର ଜବାବ ଦେଇଥିଲେ । ତାଙ୍କର ସେହି ସ୍ଥିତି ୨୦ ମିନିଟ୍ ଯାଏ ରହିଥିଲା । ସେହି ସମୟ ମଧ୍ୟରେ ତାଙ୍କୁ ଇଂରାଜୀରେ କହିବାକୁ କୁହାଗଲେ ସେ ଚିନ୍ତାରେ ପଡିଯାଉଥିଲେ । ସଂପୂର୍ଣ୍ଣ ହୋସ୍ ଆସିବାବେଳକୁ ଘଟଣା ସଂପର୍କରେ ତାଙ୍କୁ ବେଶୀ କିଛି ମନେ ନଥିଲା । ପରବର୍ତ୍ତୀ ସମୟରେ ଯେତେଥର ତାଙ୍କର ସର୍ଜରୀ ହେଲା ସେତେଥର ଏହାର ପୁନରାବୃତ୍ତି ଘଟିଲା । ହୋସକୁ ଆସିବା ମାତ୍ରେ ସେ ସ୍ପାନିଶ୍ କହିଲେ । ଯେତେବେଳେକି ସେ ବିଧିବଦ୍ଧ ଭାବେ କେବେ ବି ସ୍ପାନିଶ୍ ଶିଖିନାହାନ୍ତି । ଅବଶ୍ୟ ପିଲାଦିନେ ସେ ସ୍ପାନିଶ୍ ଭାଷା କହୁଥିବା ତାଙ୍କର ସବୁଠୁ ଭଲ ବନ୍ଧୁଙ୍କ ପରିବାର ସଦସ୍ୟଙ୍କ ଗହଣରେ ଅନେକ ସମୟ ବିତାଇଥିଲେ । ସେତେବେଳେ କିନ୍ତୁ ତାଙ୍କ ବନ୍ଧୁଙ୍କ ପରିବାର ଲୋକେ କ'ଣ କଥା ହେଉଛନ୍ତି ତାହା ତାଙ୍କୁ ମାଲୁମ ନଥିଲା । ଡାକ୍ତରମାନେ ଏହାକୁ 'ଫରେନ୍ ଲାଙ୍ଗୁଏଜ୍ ସିଣ୍ଡ୍ରୋମ୍' ନାମ ଦେଇଛନ୍ତି । ସେହି ସିଣ୍ଡ୍ରୋମ ଏକ ଦୁର୍ଲଭ ନ୍ୟୁରୋଲୋଜିକାଲ୍ ସ୍ଥିତି ଯେଉଁଥିରେ ମଣିଷ ମସ୍ତିଷ୍କର ଭାଷା ସହ ଜଡିତ ଅଂଶ ଅସ୍ଥାୟୀ ଭାବେ ଭିନ୍ନ ରୂପରେ ସକ୍ରିୟ ହୋଇଯାଏ । ଡାକ୍ତରଙ୍କ ଅନୁସାରେ, ପିଲାଦିନେ କୌଣସି ଭାଷାକୁ ଲଗାତର ଶୁଣିବା ମଧ୍ୟ ମଣିଷର ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପକାଇପାରେ । ଆନାସସ୍ଥେସିଆ ପ୍ରଭାବ ଯୋଗୁ ମସ୍ତିଷ୍କର କିଛି ସୁପ୍ତ ଅଂଶ ଅଚାନକ ସକ୍ରିୟ ହୋଇଯାଇଥାଏ ଏବଂ ସେହି ଭାଷା ବାହାରକୁ ଆସିଥାଏ ।

# ନାଗାନେତ୍ରୀ ରାଣୀ ଗାଇଦିନଲିଉ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଗାଇଦିନଲିଉ (୧୯୧୫-୧୯୯୩) ଥିଲେ ନାଗା ଆଧ୍ୟାତ୍ମିକ ତଥା ରାଜନୈତିକ ନେତ୍ରୀ ଯିଏ କି ବ୍ରିଟିଶ ଶାସନ ବିରୁଦ୍ଧରେ ବିଦ୍ରୋହର ନେତୃତ୍ୱ ନେଇଥିଲେ । ସେ ମାତ୍ର ୧୩ବର୍ଷ ବୟସରେ ନିଜର ଦାଦାପୁଅ ଭାଇ ହାଇପୁ ଯାଡ୍ରୋନାଙ୍ଗଙ୍କର ହେରାକା ଧାର୍ମିକ ଆନ୍ଦୋଳନରେ ସାମିଲ ହୋଇଥିଲେ । ଲୋକମାନେ ତାଙ୍କୁ ନାଗାଦେବୀ ଚେରାଚାମଣ୍ଡିନଲିଉଙ୍କର ଅବତାର ରୂପେ ଗ୍ରହଣ କରି ନେଇଥିଲେ । ଖ୍ରୀ.ଅ. ୧୯୩୨ ମସିହାରେ ମାତ୍ର ୧୬ବର୍ଷ ବୟସରେ ତାଙ୍କୁ ବ୍ରିଟିଶ ସରକାର ଗିରଫ କରି ଆଜୀବନ କାରାଦଣ୍ଡର ସଜା ଦେଇଥିଲା । ପଣ୍ଡିତ ଜବାହରଲାଲ ନେହେରୁ ଖ୍ରୀ.ଅ. ୧୯୩୭ ମସିହାରେ ସିଲଙ୍ଗ କାରାଗାରରେ ତାଙ୍କୁ ସାକ୍ଷାତ କରି ସେଠାରୁ ମୁକ୍ତ କରିବାର ପ୍ରତିଶ୍ରୁତି ଦେଇଥିଲେ । ପଣ୍ଡିତ ନେହେରୁ ତାଙ୍କୁ 'ରାଣୀ'ର ଉପାଧି ଦେଇଥିବାରୁ ସେ ରାଣୀ ଗାଇଦିନଲିଉ ଭାବରେ ନାଗା ରାଜ୍ୟରେ ବେଶ୍ ପରିଚିତା ହେବାସହ ଲୋକପ୍ରିୟତା ବି ହାସଲ କରିଥିଲେ । ଖ୍ରୀ.ଅ. ୧୯୪୭ ମସିହାରେ ଭାରତ ସ୍ୱାଧୀନତା ହାସଲ କରିବା ପରେ ସେ କାରାଗାରରୁ ମୁକ୍ତି ପାଇ ନାଗାମାନଙ୍କର ଉନ୍ନତି ନିମନ୍ତେ ତାଙ୍କର କାର୍ଯ୍ୟ ଜାରି ରଖିଲେ । ନାଗାମାନଙ୍କୁ ଖ୍ରୀଷ୍ଟିୟାନ ଧର୍ମରେ ଦୀକ୍ଷିତ କରାଯାଉଥିବାରୁ ତାହାର ସେ ଦୃଢ଼ ବିରୋଧ କରୁଥିଲେ । ଭାରତ ସରକାରଙ୍କଦ୍ୱାରା ତାଙ୍କୁ ସ୍ୱାଧୀନତା ସଂଗ୍ରାମୀର ସମ୍ମାନ ଦେବାସହ ପଦ୍ମଭୂଷଣ ଉପାଧିରେ ପୁରସ୍କୃତ କରାଯାଇଥିଲା ।

**ଜନ୍ମ ଓ ପରିବାର:** ଗାଇଦିନଲିଉ ୧୯୧୫ ମସିହା ଜାନୁଆରୀ ୨୬ରେ ବର୍ତ୍ତମାନର ତାମନଙ୍ଗଲଙ୍ଗ (Tamenglong) ଜିଲ୍ଲା ଓ ମଣିପୁରର ତାଉସେମ୍ (Tousem) ଉପମଣ୍ଡଳରେ ଥିବା ଏକ ଛୋଟ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ରୋନଙ୍ଗମେଇ ଜନଜାତିରେ ଜନ୍ମ । ପିତାଙ୍କ ନାମ ଥିଲା ଲୋଥୋନାଙ୍ଗ ପାମେଇ ଓ ମାତା ଥିଲେ କାଚକଲେନଲିଉ । ସେ ତାଙ୍କ ପିତା ମାତାଙ୍କର ଆଠଟି ସନ୍ତାନ ମଧ୍ୟରୁ ପଞ୍ଚମ । ସେତେବେଳେ ସେହି ଅଞ୍ଚଳରେ ବିଦ୍ୟାଳୟର ଅଭାବ ଥିବାରୁ ସେ ଆଉ ଅଧିକ ଶିକ୍ଷା ଲାଭରୁ ବଞ୍ଚିତ ହୋଇଥିଲେ ।

**ହାଇପାଉ ଯାଡ୍ରୋନଙ୍ଗଙ୍କ ଶିଷ୍ୟା:** ୧୯୨୭ ମସିହାରେ ଗାଉଦିନଲିଉ ତାଙ୍କ ଦାଦାପୁଅ ଭାଇ ହାଇପାଉଙ୍କ ହେରାକ ଆନ୍ଦୋଳନରେ ଯୋଗଦେଇ ବ୍ରିଟିଶ ଶାସନରୁ ନାଗାମାନଙ୍କୁ ମୁକ୍ତ କରିବା ପାଇଁ ସଂଗ୍ରାମ ଆରମ୍ଭ କରିଥିଲେ । ଯାଡ୍ରୋନାଙ୍ଗଙ୍କର ବିଚାରଧାରା ଓ ସିଦ୍ଧାନ୍ତରେ ଅନୁପ୍ରେରିତ ହୋଇ ତାଙ୍କର ଶିଷ୍ୟା ଭାବରେ କାର୍ଯ୍ୟରତ ଗାଇଦିନଲିଉ ଗରିଲା ସେନାରେ ନେତ୍ରୀର ଭୂମିକା ନେଇଥିଲେ ।

**ସଂଗ୍ରାମୀର ଅବତାର:** ଧର୍ମଗୁରୁ ଯାଡ୍ରୋନଙ୍ଗଙ୍କୁ ବ୍ରିଟିଶ ସରକାର ଖ୍ରୀ.ଅ. ୧୯୩୧ ମସିହାରେ ଗିରଫ କରି ଫାଶୀ ଦେଇଦେଲେ । ଗାଇଦିନଲିଉ ମଧ୍ୟ ଯାଡ୍ରୋନାଙ୍ଗଙ୍କୁ ଆଧ୍ୟାତ୍ମିକ ଓ ରାଜନୈତିକ ଉତ୍ତରାଧିକାରୀ ଭାବରେ ନିଜକୁ ଅବତୀର୍ଣ୍ଣ କରାଇଥିଲେ । ସେ ଖୋଲାଖୋଲି ଭାବରେ ବ୍ରିଟିଶ ଶାସନ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରିଦେଲେ । ଫଳସ୍ୱରୂପ ବ୍ରିଟିଶ ସରକାର ତାଙ୍କୁ ଗିରଫ କରିବା ପାଇଁ ତଲାସି ଅଭିଯାନ ଆରମ୍ଭ କଲେ । ଗାଇଦିନଲିଉ ଏହି ଗିରଫରୁ ବଞ୍ଚିବା ପାଇଁ ବର୍ତ୍ତମାନର ଆସାମ, ନାଗାଲାଣ୍ଡ ଓ ମଣିପୁରର ବିଭିନ୍ନ ଗ୍ରାମାଞ୍ଚଳରେ ନିଜକୁ ସୁରକ୍ଷିତ ରଖିବା ପାଇଁ ଆତ୍ମଗୋପନ କରିଥିଲେ । ଆସାମ ସରକାର ତାଙ୍କର ତୃତୀୟ ଓ ଚତୁର୍ଥ ବାଟାଲିୟନକୁ ଗାଇଦିନଲିଉଙ୍କ ଅନ୍ୱେଷଣରେ ନିୟୋଜିତ କଲେ । ଗାଇଦିନଲିଉଙ୍କର ଗୁପ୍ତ ଠିକଣା ଯୋଗାଇଦେଲେ ଆର୍ଥିକ ପୁରସ୍କାର ଯୋଗଇବାର ଘୋଷଣା ମଧ୍ୟ ସରକାରଙ୍କ ତରଫରୁ କରାଗଲା । ଖ୍ରୀ.ଅ. ୧୯୩୨ ମସିହା ଅକ୍ଟୋବର ମାସରେ ସେ ଯେତେବେଳେ ନିଜ ଗ୍ରାମକୁ ଆସିଥିଲେ ସେହି ସମୟରେ ବ୍ରିଟିଶମାନଙ୍କ ପକ୍ଷରୁ କ୍ୟାପ୍ଟେନ୍ ମାକ୍‌ଡ୍ରୋନଙ୍କ ନେତୃତ୍ୱରେ ଆସାମ ରାଇଫଲସ୍ ବାହିନୀଦ୍ୱାରା ସେ ରହୁଥିବା ଗ୍ରାମରେ ଅତର୍କିତ ଆକ୍ରମଣ କରି ଖ୍ରୀ.ଅ. ୧୯୩୨ ମସିହା ଅକ୍ଟୋବର ୧୭ରେ ତାଙ୍କୁ ଗିରଫ କରାଇଥିଲେ । ଫଳସ୍ୱରୂପ ଗାଇଦିନଲିଉ ଏବଂ ତାଙ୍କର ସହକର୍ମୀମାନେ ଧରାପଡ଼ି ଗିରଫ ହେଲେ । ଏହାର ପ୍ରତିଶୋଧ ସ୍ୱରୂପ ଡିସେମ୍ବର ୧୯୩୨ରେ ଗାଇଦିନଲିଉଙ୍କର ଅନୁଗାମୀମାନେ ନାଗା ପାହାଡ଼ ଅଞ୍ଚଳରେ ଥିବା ଲାକେମା ଡାକବଙ୍ଗଳାରେ ଥିବା ଚୌକିଦାରକୁ ପୋଲିସ ଖବର ଦେଇଥିବା ସନ୍ଦେହରେ ହତ୍ୟା କଲେ । ଏହି ଘଟଣାରେ ଗାଇଦିନଲିଉଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଆଜୀବନ କାରାଦଣ୍ଡର ସଜା ଭୋଗିବାକୁ ପଡ଼ିଲା । ଖ୍ରୀ.ଅ. ୧୯୩୩ରୁ ୧୯୪୭ ପର୍ଯ୍ୟନ୍ତ ସେ ଗୌହାଟି, ସିଲଙ୍ଗ, ଆଇଜଲ ଓ ଟୁରାର କରାଗାରରେ ଜୀବନ ବିତାଇଥିଲେ । ପଣ୍ଡିତ ଜବାହରଲାଲ ନେହେରୁଙ୍କର ଚେଷ୍ଟା ସତ୍ତ୍ୱେ ତାଙ୍କୁ ବି ସେତେବେଳେ ମୁକ୍ତ କରାଯାଇପାରିଲା ନାହିଁ । ପରିଶେଷରେ ୧୯୪୬ ମସିହାରେ ମଧ୍ୟବର୍ତ୍ତୀକାଳୀନ ଭାରତ ସରକାର ଗଠନ ହେବାପରେ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କର ନିର୍ଦ୍ଦେଶ କ୍ରମେ ୧୪ବର୍ଷ ପରେ ଗାଇଦିନଲିଉ କାରାଗାରରୁ ମୁକ୍ତ ହୋଇ ପରବର୍ତ୍ତୀ ସମୟରେ ସେ ଅଞ୍ଚଳର ବିକାଶ କାର୍ଯ୍ୟରେ ଲାଗିପଡ଼ିଲେ । ୧୯୫୨ ମସିହାରେ ସେ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଦିଲ୍ଲୀରେ ସେ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କୁ ସାକ୍ଷାତ କରି ଜେଲିଆଙ୍ଗରଙ୍ଗ ଲୋକମାନଙ୍କର ବିକାଶ ସମ୍ପର୍କରେ ଆଲୋଚନା କରି ସେ ଦିଗରେ ପଦକ୍ଷେପ ନେଇଥିଲେ । ପରବର୍ତ୍ତୀ ସମୟରେ ଗାଇଦିନଲିଉ ଓ ନାଗା ନାସନାଲ କାଉନସିଲ ମଧ୍ୟରେ ଏହି କଥାକୁ ନେଇ ବିବାଦ ସୃଷ୍ଟି ହେଲା । ହେରାକ ସଂସ୍କୃତିର ଉତ୍ଥାନ ପାଇଁ କାର୍ଯ୍ୟରତ ଗାଇଦିନଲିଉ ବିଦ୍ରୋହୀ ନାଗା ନେତାମାନଙ୍କର ଆକ୍ରୋଶର ଶିକାର ହୋଇଥିଲେ । ବାପିଷ୍ଟ ନେତୃତ୍ୱର ବୃଦ୍ଧି ଓ ହେରାକ ସଂସ୍କୃତିର ପୁନର୍ଜୀବନକୁ ଖ୍ରୀଷ୍ଟିଆନ ବିରୋଧୀ ଦର୍ଶାଇ ଏହାର ପରିଣାମ ଭୋଗିବାକୁ ପଡ଼ିବ ବୋଲି ତାଙ୍କୁ ମଧ୍ୟ ଚେତାବନୀ ଦିଆଯାଇଥିଲା । କିନ୍ତୁ ହେରାକ ସଂସ୍କୃତିକୁ ରକ୍ଷା କରିବାସହ ନିଜର ସ୍ଥିତିକୁ ମଜଭୁତ କରିବା ପାଇଁ ୧୯୬୦ ମସିହାରେ ସେ ଆତ୍ମଗୋପନ କରି ରହିଲେ । ଏକ ଭିନ୍ନ ଓ ଏକକ ଜେଲିଆନଗ୍ରଙ୍ଗ୍ ଜିଲ୍ଲାର ଗଠନ ଉଦ୍ଦେଶ୍ୟରେ ସେ ଏକ ହଜାର ସୈନ୍ୟ ବିଶିଷ୍ଟ ସୈନ୍ୟଦଳର ଗଠନ କଲେ । ଏକ ଅଲଗା ଜେଲିଆନଗ୍ରଙ୍ଗ୍ ପ୍ରଶାସନ ଇଉନିଟ୍‌ର ଦାବୀ ନେଇ ଗାଇଦିନଲିଉଙ୍କ ଅନୁଗାମୀମାନେ ଜାନୁଆରୀ ୨୯, ୧୯୬୫ ମସିହାରେ ୯ଜଣ ନାଗା ବିଦ୍ରୋହୀଙ୍କୁ ଅପହରଣ କରି ହତ୍ୟା କଲେ । ୧୯୬୬ ମସିହାରେ ୬ବର୍ଷର ଆତ୍ମଗୋପନ ଜୀବନ ନିର୍ବାହ କରିବା ପରେ ଭାରତ ସରକାରଙ୍କ ସହିତ ରାଜିନାମା କରି ବୃଦ୍ଧାବସ୍ଥାରେ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଓ ଅହିଂସାତ୍ମକ ଉପାୟରେ ଅଞ୍ଚଳର ଲୋକମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବାର ଅଭିପ୍ରାୟ ରଖି ଜଙ୍ଗଲରେ ଆତ୍ମଗୋପନ ଜୀବନରୁ ନିଜକୁ ମୁକୁଳାଇ ଥିଲେ । ୧୯୬୬ ମସିହା ଜାନୁୟାରୀ ୨୦ରେ ସେ କୋହିମା ଗଲେ । ସେହି ୧୯୬୬ ମସିହା ଫେବୃଆରୀ ୨୧ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କୁ ଦିଲ୍ଲୀରେ ସାକ୍ଷାତ କରି ଏକ ଭିନ୍ନ ଜେଲିଆଙ୍ଗ ପ୍ରଶାସନ ଇଉନିଅନ୍‌ର ସ୍ଥାପନ କରିବାର ଦାବୀ ଉପସ୍ଥାପନ କଲେ । କୋହିମାଠାରେ ତାଙ୍କର ରହଣି ସମୟରେ ତାଙ୍କୁ ୧୯୭୨ ମସିହାରେ "Tamrapatra Freedom Fighter Award", ୧୯୮୨ ମସିହାରେ "The Padma Bhushan" ଏବଂ ୧୯୮୩ ମସିହାରେ "The Vivekananda Seva Award" ପ୍ରଭୃତିରେ ସମ୍ମାନିତ କରାଯାଇଥିଲା ।

**ଦେହାବସାନ:** ୧୯୯୧ ମସିହାରେ ସେ ନିଜର ଜନ୍ମଭୂମି ଲୋନଙ୍ଗକାଓକୁ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ସେଠାରେ ସେ ୧୯୯୩ ମସିହା ଫେବୃଆରୀ ୧୭ରେ ୭୮ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ । ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟାରେ ମଣିପୁରର ରାଜ୍ୟପାଳ ସ୍ୱର୍ଗତ ଚିନ୍ତାମଣି ପାଣିଗ୍ରାହୀ, ନାଗାଲାଣ୍ଡର ଗୃହସଚିବଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଏବଂ ଉତ୍ତର-ପୂର୍ବାଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରିଥିଲେ । ଇମ୍ଫାଲଠାରେ ମୁଖ୍ୟମନ୍ତ୍ରୀ ଆର୍.କେ.ଦୋରେନ୍ଦ୍ରସିଂହ, ଉପମୁଖ୍ୟମନ୍ତ୍ରୀ ରିସାଙ୍ଗ କେଇସିଙ୍ଗ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଲେ ଓ ତାଙ୍କ ସମ୍ମାନାର୍ଥେ ଗୋଟିଏ ଦିନ ପାଇଁ ରାଜ୍ୟ ସରକାରଙ୍କଦ୍ୱାରା ଛୁଟି ଘୋଷଣା କରାଯାଇଥିଲା । ରାଣୀ ଗାଇଦିନଲିଉଙ୍କୁ ବିର୍ଶା ମୁଣ୍ଡା ମରଣୋତ୍ତର ପୁରସ୍କାର ମଧ୍ୟ ଅର୍ପଣ କରାଯାଇଥିଲା । ୧୯୯୬ ମସିହାରେ ଭାରତ ସରକାରଙ୍କ ତରଫରୁ ତାଙ୍କର ସମ୍ମାନ ଉଦ୍ଦେଶ୍ୟରେ ଏକ ଡାକଟିକଟ ଉନ୍ମୋଚନ କରାଯାଇଥିଲା । ତାଙ୍କର ସ୍ମୃତି ରକ୍ଷା ପାଇଁ ଉଦ୍ଦିଷ୍ଟ ଏକ ମୁଦ୍ରା ମଧ୍ୟ ଭାରତ ସରକାରଙ୍କଦ୍ୱାରା ୨୦୧୫ ମସିହାରେ ଉନ୍ମୋଚନ ହୋଇଥିଲା । ଗାଇଦିନଲିଉଙ୍କର ହେରେକା ଆନ୍ଦୋଳନର ନେତୃତ୍ୱ ନେବା ତାଙ୍କୁ ନାଗାମାନଙ୍କ ମଧ୍ୟରେ ଲୋକପ୍ରିୟ କରାଇପାରିନଥିଲା । ସେ ଭାରତ ସରକାରଙ୍କର ନିକଟବର୍ତ୍ତୀ ଥିବାରୁ Naga National Group ମଧ୍ୟ ତାଙ୍କୁ ସ୍ୱୀକାର କରିନଥିଲା । ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ନାଗାମାନେ ତାଙ୍କୁ ହିନ୍ଦୁ ଧର୍ମର ଉଦ୍ୟୋକ୍ତା ରୂପରେ ବିବେଚନା କରୁଥିଲେ । ୨୦୧୫ ମସିହାରେ ଯେତେବେଳେ ଭାରତ ସରକାର ଓ T.R. Zeliang's State Govt. ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ Memorial Hall ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଲେ ସେତେବେଳେ ବିଭିନ୍ନ ସାମାଜିକ ଅନୁଷ୍ଠାନଗୁଡ଼ିକ ଏହାର ବିରୋଧ କରିଥିଲେ । ବ୍ରିଟିଶ ଶାସକମାନେ ନିଜର ସ୍ୱାର୍ଥ ପାଇଁ ବହୁ ଦେଶୀୟ ରାଜ୍ୟକୁ ଏକତ୍ର କରି ଅଖଣ୍ଡ ଭାରତର ସୃଷ୍ଟି କରିଥିଲେ ସତ୍ୟ । ମାତ୍ର ସେମାନଙ୍କଦ୍ୱାରା ପ୍ରେରିତ ଖ୍ରୀଷ୍ଟିୟାନ ଧର୍ମଯାଜକମାନେ ଦେଶର ସଂସ୍କୃତିକୁ ଛିନ୍ନଭିନ୍ନ କରିଦେବାରେ ଯେଉଁ ଉଦ୍ୟମ କରିଥିଲେ ବା କରିଆସୁଛନ୍ତି ସେମାନଙ୍କୁ ଇତିହାସ ଆଦୌ କ୍ଷମା ଦେବନାହିଁ । ଭାରତୀୟ ସଂସ୍କୃତିକୁ ଧ୍ୱଂସ କରିବା ଓ ଖ୍ରୀଷ୍ଟିୟାନ ଧର୍ମର ପ୍ରଚାର ପ୍ରତି ସେମାନେ ଏପରି କାହିଁକି କରିଆସୁଥିଲେ ତାହା ସେମାନଙ୍କୁ ବେଶ୍ ଜଣା । କେବଳ ଇଂରେଜ ଜାତି ନୁହେଁ ଭାରତୀୟମାନେ ବି ଖ୍ରୀଷ୍ଟିୟାନ ଧର୍ମରେ ଦୀକ୍ଷିତ ହୋଇ ନିଜ ସଂସ୍କୃତିକୁ ନିଜେ ଧ୍ୱଂସ କରିଦେବାକୁ ପଛାଉ ନଥିଲେ ବା ନାହାନ୍ତି । ନାଗଲୋକର ମହାରାଣୀ ଗାଇଦିନଲିଉଙ୍କ ପ୍ରେରଣା ଏଥିପାଇଁ ପ୍ରଣିଧାନଯୋଗ୍ୟ ।

# ମକର ସଂକ୍ରାନ୍ତି : ଆକାଶରେ ଉଡୁଥିବା ଗୁଡ଼ିର ଆନନ୍ଦ ଓ ଘରେ ଘରେ ମକର ଚାଉଳର ପବିତ୍ର ପରମ୍ପରା



ଅର୍ପିତା ଦାଶ
ଜଗନ୍ନାଥ ବିହାର, ନୂଆଗାଁ

ମକର ସଂକ୍ରାନ୍ତି କେବଳ ଗୋଟିଏ ଧାର୍ମିକ ପର୍ବ କିମ୍ବା ଋତୁକାଳୀନ ଉତ୍ସବ ନୁହେଁ, ଏହା ହେଉଛି ଏକ ମହାନ ସଭ୍ୟତାତ୍ମକ ପର୍ବ, ଯାହା ଜ୍ୟୋତିର୍ବିଜ୍ଞାନ, କୃଷି, ଆଧ୍ୟାତ୍ମିକତା, ସାମାଜିକ ସମନ୍ୱୟ ଓ ସାଂସ୍କୃତିକ ଅଭିବ୍ୟକ୍ତିକୁ ଗୋଟିଏ ଶାଶ୍ୱତ ଧାରାରେ ଏକତ୍ର କରେ । ସୂର୍ଯ୍ୟଙ୍କ ନିଖୁଣ ଗତିକୁ ଆଧାର କରି ଗଢ଼ିଉଠିଥିବା ଏହି ପର୍ବ ପୁରାତନ ଭାରତୀୟ ସଭ୍ୟତାର ଗଭୀର ବୈଜ୍ଞାନିକ ଜ୍ଞାନ ଓ ଦାର୍ଶନିକ ପ୍ରଭାବ ପ୍ରକାଶ କରେ ଏବଂ ଆଜି ମଧ୍ୟ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇ ଆସୁଛି ।

ମକର ସଂକ୍ରାନ୍ତିର ମୂଳ ଅର୍ଥ ହେଉଛି ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରି ଉତ୍ତରାୟଣ ଯାତ୍ରା ଆରମ୍ଭ କରିବା । ଏହି ସୂର୍ଯ୍ୟ ଗତି ପୃଥିବୀକୁ ଦୀର୍ଘ ଦିନ, ବଢ଼ିଥିବା ତାପ ଓ ନୂଆ ଶକ୍ତି ଆଣିଦେଇଥାଏ । ପ୍ରତୀକାତ୍ମକ ଭାବେ ଏହା ଅନ୍ଧକାର ଉପରେ ଆଲୋକର ବିଜୟ, ନିରାଶା ଉପରେ ଆଶାର ବିଜୟ ଏବଂ ଅଜ୍ଞାନ ଉପରେ ଜ୍ଞାନର ବିଜୟକୁ ସୂଚିତ କରେ । ଅନ୍ୟାନ୍ୟ ଅନେକ ପର୍ବ ଚନ୍ଦ୍ର ଗଣନା ଉପରେ ନିର୍ଭର କରୁଥିବାବେଳେ, ମକର ସଂକ୍ରାନ୍ତି ସୂର୍ଯ୍ୟ ଗଣନା ଉପରେ ଆଧାରିତ, ଯାହା ପୁରାତନ ଜ୍ୟୋତିର୍ବିଜ୍ଞାନର ସଠିକତାକୁ ପ୍ରମାଣ କରେ ।

ବୈଜ୍ଞାନିକ ଦୃଷ୍ଟିକୋଣରୁ ମକର ସଂକ୍ରାନ୍ତିର ଗୁରୁତ୍ୱ ଅତ୍ୟନ୍ତ ଗଭୀର । ଏ ସମୟରେ ସୂର୍ଯ୍ୟ କିରଣ ଅଧିକ ସିଧାସଳଖ ହେବାରୁ ମାନବ ଶରୀରର ଜୀବରସାୟନିକ

କ୍ରିୟାକଳାପ ସୁଧାରିତ ହୁଏ, ପ୍ରତିରୋଧକ ଶକ୍ତି ବଢ଼େ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ଉନ୍ନତ ହୁଏ । ପବିତ୍ର ସ୍ନାନ, ସକାଳ ସୂର୍ଯ୍ୟାଲୋକରେ ରହିବା, ତିଳ ଓ ଗୁଡ଼ ଭଳି ଋତୁକାଳୀନ ଖାଦ୍ୟ ଗ୍ରହଣ କରିବା ପରମ୍ପରା ଏହି ପ୍ରାକୃତିକ ପରିବର୍ତ୍ତନ ସହ ସମ୍ପୂର୍ଣ୍ଣ ମେଳ ରଖେ । ଯାହାକୁ ରୀତିରିବାଜ ଭାବେ ଦେଖାଯାଏ, ସେଥିରେ ଗଭୀର ବୈଜ୍ଞାନିକ ଅର୍ଥ ଦେଖାଇଥାଏ । କୃଷି ଦୃଷ୍ଟିରୁ ମକର ସଂକ୍ରାନ୍ତି ହେଉଛି କୃତଜ୍ଞତାର ପର୍ବ । ଏହା ଶୀତ ଫସଲ କଟା ସମୟ ସହ ଜଡିତ ଓ ସୂର୍ଯ୍ୟ, ମାଟି, ପାଣି ଏବଂ କୃଷକଙ୍କ ପ୍ରତି ଆଭାର ପ୍ରକାଶର ଅବସର । ଗ୍ରାମୀଣ ଭାରତରେ ଏହି ସମୟରେ ସମୂହ ଭୋଜନ, ଉତ୍ସବ ଓ ଭବିଷ୍ୟତ ସମୃଦ୍ଧି ପାଇଁ ପ୍ରାର୍ଥନା ହୁଏ । ଏହି ପର୍ବ ମନୁଷ୍ୟକୁ ସ୍ମରଣ କରାଏ ଯେ ଜୀବନ ପ୍ରକୃତି ଉପରେ ନିର୍ଭରଶୀଳ ଏବଂ ସମନ୍ୱୟ ରହିଲେ ମାତ୍ର ସତ୍ୟ ସମୃଦ୍ଧି ଆସେ ।

ଆଧ୍ୟାତ୍ମିକ ଭାବେ ମକର ସଂକ୍ରାନ୍ତି ଉତ୍ତରାୟଣର ଶୁଭ ଅବଧିର ଆରମ୍ଭ । ଏହି ସମୟକୁ ଆତ୍ମଶୁଦ୍ଧି, ଦାନ, ସାଧନା ଓ ଆତ୍ମୋନ୍ନତି ପାଇଁ ଉତ୍ତମ ମନାଯାଏ । ଖାଦ୍ୟ, ବସ୍ତ୍ର, ଧାନ୍ୟ ଦାନ କରିବା ପରମ୍ପରା ସମାଜରେ ସମତା, କରୁଣା ଓ ମାନବିକତାକୁ ସୁଦୃଢ଼ କରେ । ଏହା ଶିଖାଏ ଯେ ସତ୍ୟ ସମୃଦ୍ଧି ସଂଗ୍ରହରେ ନୁହେଁ, ବଣ୍ଟନରେ ରହିଛି । ସାଂସ୍କୃତିକ ଦୃଷ୍ଟିରୁ ମକର ସଂକ୍ରାନ୍ତି ଭାରତର ଏକତା ମଧ୍ୟରେ ବିଭିନ୍ନତାକୁ ପ୍ରକାଶ କରେ । ପଞ୍ଜାବରେ ଏହା ଲୋହଡ଼ି, ତାମିଲନାଡୁରେ ପୋଙ୍ଗଲ, ଆସାମରେ ବିହୁ ନାମରେ ପାଳିତ ହୁଏ । ଓଡ଼ିଶା, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ ଓ ବଙ୍ଗରେ ମଧ୍ୟ ନିଜସ୍ୱ ପରମ୍ପରା ସହ ଏହି ପର୍ବ ଉଲ୍ଲାସରେ ପାଳନ କରାଯାଏ । ରୂପ ଭିନ୍ନ ହେଲେ ମଧ୍ୟ ମୂଲ୍ୟବୋଧ ଏକହି ରହେ । ମକର ଚାଉଳ ଓଡ଼ିଶାର ଗ୍ରାମୀଣ ଜୀବନ, ଆଧ୍ୟାତ୍ମିକ ଆସ୍ଥା ଓ କୃଷି ସଂସ୍କୃତିର ସବୁଠାରୁ ପବିତ୍ର ଏବଂ ଅର୍ଥବହ ପରମ୍ପରାମାନଙ୍କ ମଧ୍ୟରୁ ଗୋଟିଏ । ମକର ସଂକ୍ରାନ୍ତି ଦିନ ପ୍ରସ୍ତୁତ ହେଉଥିବା ଏହି ଚାଉଳ କେବଳ ଖାଦ୍ୟ ନୁହେଁ, ଏହା ହେଉଛି ଚାଷୀର ପରିଶ୍ରମ, ପ୍ରକୃତିର କୃପା ଓ ଈଶ୍ୱରଙ୍କ ପ୍ରତି କୃତଜ୍ଞତାର ଜୀବନ୍ତ ପ୍ରତୀକ । ନୂଆ ଧାନରୁ ପ୍ରସ୍ତୁତ ହୋଇଥିବା ମକର ଚାଉଳ ମାଧ୍ୟମରେ ଓଡ଼ିଆ ଲୋକମାନେ ପ୍ରକୃତି ସହ ନିଜ ସମ୍ପର୍କକୁ ପୁନଃ ସ୍ଥାପିତ କରନ୍ତି । ଏହି ଚାଉଳ ପ୍ରସ୍ତୁତିରେ ଯେଉଁ ପବିତ୍ରତା, ନିୟମ ଓ ଶ୍ରଦ୍ଧା ଜଡିତ ରହିଛି, ସେଗୁଡ଼ିକ ଓଡ଼ିଆ ସମାଜର ନୀତି, ଶିଷ୍ଟାଚାର ଓ ସାଂସ୍କୃତିକ ମୂଲ୍ୟବୋଧକୁ ସ୍ପଷ୍ଟ କରେ ।

ମକର ଚାଉଳ ପ୍ରସ୍ତୁତି ଏକ ଦୀର୍ଘ ପ୍ରକ୍ରିୟା, ଯାହା ମନୁଷ୍ୟର ଧୈର୍ଯ୍ୟ, ପବିତ୍ର ଭାବନା ଓ ନିୟମାନୁଶାସନର ପରୀକ୍ଷା ନିଏ । ଚାଉଳକୁ ଭିଜାଇ, ଶୁଖାଇ, କୁଟି ଓ ପ୍ରସ୍ତୁତି କରିବା ସମୟରେ ଘରର ମହିଳାମାନେ ପରମ୍ପରାନୁସାରେ ସ୍ୱଚ୍ଛତା ଓ ଶୁଦ୍ଧତାକୁ ସର୍ବୋଚ୍ଚ ସ୍ଥାନ ଦିଅନ୍ତି । ଏହି ପ୍ରକ୍ରିୟା କେବଳ ରନ୍ଧଣା ନୁହେଁ, ଏହା ହେଉଛି ଏକ ପାରିବାରିକ ଓ ସାମୂହିକ ସାଧନା, ଯେଉଁଠି ପିଢ଼ିରୁ ପିଢ଼ିକୁ ଜ୍ଞାନ, ଅନୁଭବ ଓ ଆସ୍ଥା ସ୍ଥାନାନ୍ତରିତ ହୁଏ । ମକର ଚାଉଳରେ ମିଶୁଥିବା ନଡ଼ିଆ, ଗୁଡ଼, କଦଳୀ, ଛେନା ଓ ଦୁଧ ଭଳି ସାମଗ୍ରୀଗୁଡ଼ିକ ପ୍ରକୃତିର ସମୃଦ୍ଧିକୁ ପ୍ରତିନିଧିତ୍ୱ କରେ ଏବଂ ଓଡ଼ିଆ ଖାଦ୍ୟ ସଂସ୍କୃତିର ସାତ୍ତ୍ୱିକ ସ୍ୱଭାବକୁ ପ୍ରକାଶ କରେ । ଧାର୍ମିକ ଦୃଷ୍ଟିରୁ ମକର ଚାଉଳର ମହତ୍ତ୍ୱ ଅତ୍ୟନ୍ତ ଗଭୀର । ଏହାକୁ ପ୍ରଥମେ ଦେବତାଙ୍କୁ ଅର୍ପଣ କରାଯାଏ, ପରେ ଘରେ ଓ ପଡ଼ୋଶୀମାନଙ୍କ ସହ ବଣ୍ଟନ କରାଯାଏ । ଏହି ପରମ୍ପରା ମନୁଷ୍ୟକୁ ଶିଖାଏ ଯେ ଯାହା କିଛି ଆମେ ପାଉଛୁ, ସେସବୁ ପ୍ରଥମେ ଦେବତାଙ୍କର କୃପା, ତାପରେ ଆମର ଅଧିକାର । ମକର ଚାଉଳ ବଣ୍ଟନ ମାଧ୍ୟମରେ ସମାଜରେ ସମତା, ଭାଇଚାରା ଓ ସହଭାଗୀତାର ଭାବନା ଦୃଢ଼ ହୁଏ । ଧନୀ-ଗରିବ, ଉଚ୍ଚ-ନିମ୍ନର ସମସ୍ତ ଭେଦଭାବ ଏହି ଏକ ଥାଳି ମକର ଚାଉଳ ସାମ୍ନାରେ ଅର୍ଥହୀନ ହୋଇଯାଏ ।

ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିରୁ ମକର ଚାଉଳ ଓଡ଼ିଆ ପରିଚୟର ଏକ ଅଭିନ୍ନ ଅଂଶ । ଏହା ଗ୍ରାମ ଓ ସହର, ଘର ଓ ମନ୍ଦିର, ପରିବାର ଓ ସମୁଦାୟକୁ ଗୋଟିଏ ସୂତ୍ରରେ ବାନ୍ଧି ରଖେ । ମକର ଚାଉଳ ପ୍ରସ୍ତୁତି ସମୟରେ ଯେଉଁ ସାମୂହିକତା, ଆଲୋଚନା ଓ ସହଯୋଗ ଦେଖାଯାଏ, ସେଗୁଡ଼ିକ ଓଡ଼ିଆ ସମାଜର ସାରଗର୍ଭିତ ମାନବିକ ମୂଲ୍ୟବୋଧକୁ ପ୍ରତିବିମ୍ବିତ କରେ । ଆଧୁନିକତା ଓ ତ୍ୱରିତ ଜୀବନଶୈଳୀରେ ଯେଉଁ ପରମ୍ପରାମାନ ଧୀରେ ଧୀରେ ହାରାଉଛି, ସେମାନଙ୍କ ମଧ୍ୟରେ ମକର ଚାଉଳ ଆଜି ମଧ୍ୟ ନିଜ ସ୍ଥାନକୁ ଦୃଢ଼ଭାବେ ଧରି ରଖିଛି । ମକର ସଂକ୍ରାନ୍ତିର ଗୋଟିଏ ଆନନ୍ଦମୟ ଓ ବିଶେଷ ପରମ୍ପରା ହେଉଛି ଗୁଡ଼ି ଉଡାଣ, ବିଶେଷକରି ଗୁଜରାଟ, ରାଜସ୍ଥାନ ଓ ଅନ୍ୟାନ୍ୟ ଅଞ୍ଚଳରେ । ଗୁଡ଼ି ଉଡାଣ କେବଳ ମନୋରଞ୍ଜନ ନୁହେଁ; ଏହାର ଗଭୀର ପ୍ରତୀକାତ୍ମକ, ବୈଜ୍ଞାନିକ ଓ ସାମାଜିକ ଅର୍ଥ ରହିଛି । ଏ ସମୟରେ ସୂର୍ଯ୍ୟାଲୋକ ଉପକାରୀ ଥିବାରୁ ସକାଳେ ଗୁଡ଼ି ଉଡାଇବା ମାନବ ଶରୀର ପାଇଁ ଉପକୃତ, ବିଶେଷକରି ଶୀତ ପରେ ଶରୀରକୁ ସକ୍ରିୟ କରେ ।

ପ୍ରତୀକାତ୍ମକ ଭାବେ ଆକାଶକୁ ଉଡୁଥିବା ଗୁଡ଼ି ମନୁଷ୍ୟର ଆକାଂକ୍ଷା, ସ୍ୱାଧୀନତା ଓ ସୀମା ଉର୍ଦ୍ଧ୍ୱରେ ଉଠିବା ଇଚ୍ଛାକୁ ପ୍ରତିବିମ୍ବିତ କରେ । ଗୁଡ଼ିକୁ ନିୟନ୍ତ୍ରଣ କରି ଉଡାଇବା ମାନେ ସ୍ୱାଧୀନତା ଓ ଶିଷ୍ଟାଚାର ମଧ୍ୟରେ ସମତୁଳନ ରଖିବା, ଯାହା ଭାରତୀୟ ଦର୍ଶନର ମୂଳ ମନ୍ତ୍ର ।

ସାମାଜିକ ଭାବେ ଗୁଡ଼ି ଉଡାଣ ଛାତ, ମଠ ଓ ଖୋଲା ସ୍ଥାନକୁ ସାମୂହିକ ଆନନ୍ଦର କେନ୍ଦ୍ର କରିଦିଏ । ପରିବାର, ପଡ଼ୋଶୀ ଓ ସମୁଦାୟ ଏକତ୍ର ହୋଇ ହସ, ଖେଳ ଓ ସାହଚର୍ଯ୍ୟରେ ମନୋବଳ ବଢ଼ାନ୍ତି, ଯାହା ଆଧୁନିକ ଜୀବନରେ ଧୀରେ ଧୀରେ ହାରାଉଥିବା ସମ୍ପର୍କକୁ ପୁନଃ ସଜୀବ କରେ ।

ଆଧୁନିକ, ଦ୍ରୁତ ଗତିର ଜୀବନରେ ମକର ସଂକ୍ରାନ୍ତି ମନୁଷ୍ୟକୁ ପ୍ରକୃତି, ସମାଜ ଓ ନିଜ ମୂଲ୍ୟବୋଧ ସହ ପୁନଃ ସଂଯୋଗ କରିବାର ସୁଯୋଗ ଦିଏ । ସୂର୍ଯ୍ୟାଲୋକ, ଋତୁକାଳୀନ ଜୀବନ, କୃତଜ୍ଞତା ଦାନ ଓ ସାମୂହିକ ଆନନ୍ଦ ଉପରେ ଏହାର ଗୁରୁତ୍ୱ ଏକ ସ୍ୱାସ୍ଥ୍ୟକର ଓ ଅର୍ଥପୂର୍ଣ୍ଣ ଜୀବନର ପଥ ଦେଖାଏ ।

ସମାପ୍ତିରେ କୁହାଯାଇପାରେ, ମକର ସଂକ୍ରାନ୍ତି କେବଳ ଗୋଟିଏ ପର୍ବ ନୁହେଁ, ଏହା ଗୋଟିଏ ଜୀବନ ଦର୍ଶନ । ଏହା ସୂର୍ଯ୍ୟଙ୍କ ଯାତ୍ରାକୁ ସମ୍ମାନ କରେ, ମନୁଷ୍ୟର ସହନଶୀଳତାକୁ ଉତ୍ସବ କରେ, ପ୍ରକୃତି ପ୍ରତି ସମ୍ମାନ ଶିଖାଏ ଏବଂ ମାନବ ଆତ୍ମାକୁ ଉନ୍ନତ କରେ । ରୀତିରିବାଜ, ଫସଲ ଉତ୍ସବ, ଦାନ ଓ ଶୀତ ଆକାଶରେ ରଙ୍ଗିନ ଗୁଡ଼ିର ନୃତ୍ୟ ମାଧ୍ୟମରେ, ମକର ସଂକ୍ରାନ୍ତି ସମଗ୍ର ମାନବ ସମାଜକୁ ଆଲୋକ, ସମନ୍ୱୟ ଓ ଆଶାର ଦିଗରେ ଉଠିବାକୁ ପ୍ରେରଣା ଦେଇଥାଏ ।

# ମକର ସଂକ୍ରାନ୍ତି: ନବୀକରଣ ଏବଂ ଆଶାର ପର୍ବ



ଗାୟତ୍ରୀ ପ୍ରସାଦ ମହାନ୍ତି
ମାଟିମଣ୍ଡପ ସାହି, ପାଟଣା ଲେନ୍, ପୁରୀ ଟାଉନ୍

ମକର ସଂକ୍ରାନ୍ତି ଏକ ଗୁରୁତ୍ୱପୂର୍ଣ୍ଣ ସର୍ବ-ଭାରତୀୟ ସୌର ପର୍ବ, ଯାହାକୁ ଭିନ୍ନ ଭିନ୍ନ ନାମରେ ଜଣାଶୁଣା, ଯଦିଓ ସମାନ ତାରିଖରେ ପାଳନ କରାଯାଏ, ଏହି ପର୍ବକୁ ସମସ୍ତେ ଉତ୍ସାହର ସହିତ ପାଳନ କରନ୍ତି । ଭାରତ ବାହାରେ ରୋମାନ ଓ ଇହୁଦୀମାନେ ମଧ୍ୟ ଏହି ପର୍ବ ପାଳନ କରନ୍ତି । ଭାରତର ବିଭିନ୍ନ ଅଞ୍ଚଳ ଅପେକ୍ଷା ଦକ୍ଷିଣ ଭାରତରେ ଏହା ସବୁଠାରୁ ବଡ଼ ପର୍ବ । ଦକ୍ଷିଣରେ ଏହାକୁ ପୋଙ୍ଗଲ ବୋଲି କହନ୍ତି, ଆସାମରେ ମାଘ ବିହୁ, ମଧ୍ୟ ଏବଂ ଉତ୍ତର ଭାରତର କିଛି ସ୍ଥାନରେ ମାଘ ମେଳା, ପଶ୍ଚିମରେ ମକର ସଂକ୍ରାନ୍ତି, କେରଳରେ ମକର ସଂକ୍ରାନ୍ତି କିମ୍ବା ଶଙ୍କରାନ୍ତି ଏବଂ ଅନ୍ୟାନ୍ୟ ନାମରେ ଜଣାଶୁଣା । ସୌର ଗଣନା ଅନୁସାରେ ମକର ସଂକ୍ରାନ୍ତିକୁ ମକର ମାସର ପ୍ରଥମ ଦିନ ହିସାବରେ ଗ୍ରହଣ କରାଯାଏ । ଏହା ସାଧାରଣତଃ ପ୍ରତିବର୍ଷ ଜାନୁଆରୀ ୧୪ ରେ ପାଳନ କରାଯାଏ । ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିକୁ କ୍ରମଶଃ ଗମନ କରନ୍ତି । ଏହି ଦିନ ସୂର୍ଯ୍ୟ ଉତ୍ତରଦିଗକୁ ଯାତ୍ରା କରି ଛଅ ମାସ ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ, ଦେବାଳୟ ପ୍ରତିଷ୍ଠା ଆଦି ସମସ୍ତ ଶୁଭକର୍ମ ଅନୁଷ୍ଠିତ ହୁଏ । ଏହି ସମୟରେ ଅଭୀଷ୍ଟ ସିଦ୍ଧି ପାଇଁ ସୂର୍ଯ୍ୟ ଉପାସନା କରାଯାଏ । ଯେହେତୁ ଏହି ପରିବର୍ତ୍ତନ ସୂର୍ଯ୍ୟଙ୍କ ଦକ୍ଷିଣରୁ ଉତ୍ତରକୁ ଗତି ସହିତ ମେଳ ଖାଏ, ଏହି ପର୍ବ ସୌର ଦେବତା, ସୂର୍ଯ୍ୟଙ୍କୁ ଉତ୍ସର୍ଗୀକୃତ । ମକର ସଂକ୍ରାନ୍ତିରେ ସୂର୍ଯ୍ୟଙ୍କୁ ସମଗ୍ର ଭାରତରେ ବିଷ୍ଣୁ ଏବଂ ଦେବୀ ଲକ୍ଷ୍ମୀଙ୍କ ସହିତ ଶିବଙ୍କୁ ମଧ୍ୟ ପୂଜା କରାଯାଏ । ଓଡ଼ିଆ ପ୍ରବାଦ ଅନୁଯାୟୀ 'ମକରଠାରୁ ଦିନ ବକର ହୁଏ', ଅର୍ଥାତ ଏହି ଦିନଠାରୁ ଦିନ କ୍ରମଶଃ ବଡ଼ ହୁଏ । ସୂର୍ଯ୍ୟଙ୍କର ତେଜ ମଧ୍ୟ ଏହି ଦିନଠାରୁ ପ୍ରଖର ହୁଏ । ଦେବୀ ସଂକ୍ରାନ୍ତି ଏହି ତିଥିରେ ଶଙ୍କରାସୁରକୁ ବଧ କରିଥିଲେ । ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ସମୟରେ ଯେଉଁମାନଙ୍କର ଦେହାନ୍ତ ହୁଏ, ସେମାନଙ୍କୁ ସ୍ୱର୍ଗଲୋକ ପ୍ରାପ୍ତ ହୁଏ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି । ଏହି ମକର ସଂକ୍ରାନ୍ତିର ପୂଣ୍ୟକାଳରେ ପ୍ରତ୍ୟୁଷରୁ ନଦୀ, ପୋଖରୀରେ ସ୍ନାନାଦି କାର୍ଯ୍ୟ ସମାପନ କରି ସୂର୍ଯ୍ୟଙ୍କୁ ଦର୍ଶନ କଲେ, ସକଳ ପାପରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି । ତେଣୁ କେଉଁ ଆବାହମାନ କାଳରୁ ସରୋବର, ନଦୀ ତଟ, ମହୋଦଧି ପ୍ରଭୃତି ପବିତ୍ର ସ୍ଥାନମାନଙ୍କରେ ମକର ମେଳା, ସାଧୁସଙ୍ଗ ଓ ମହୋତ୍ସବର ପରମ୍ପରା ଚାଲିଆସିଛି । ଏହି ଦିନ ପ୍ରସିଦ୍ଧ ଗଙ୍ଗାସାଗରଠାରେ ଏକ ବିରାଟ ମେଳା ହୁଏ । ପୁଣ୍ୟଲାଭ ଆଶାରେ ଏହି ଦିନ ଅନେକ ଧାର୍ମିକ ଲୋକ ଗଙ୍ଗାସାଗରରେ ବୁଡ଼ ପକାଇଥାନ୍ତି ।

ମକର ସଂକ୍ରାନ୍ତି ଦିନ ଅନେକ ସ୍ଥାନରେ ଗୁଡ଼ି ଉଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥାଏ । ମକର ସଂକ୍ରାନ୍ତି ସାମାଜିକ ଉତ୍ସବ ଯେପରିକି ରଙ୍ଗୀନ ସାଜସଜ୍ଜା, ପିଲାମାନେ ଘରକୁ ଘରକୁ ଯାଇ ଗୀତ ଗାଇବା, ମେଳା, ନୃତ୍ୟ, ଗୁଡ଼ି ଉଡ଼ାଣସହିତ ପାଳନ କରାଯାଏ । ଏହି ପବିତ୍ର ଦିନରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ 'ଉତ୍ତରାୟଣ ଯାତ୍ରା' ବା ମକର ସଂକ୍ରାନ୍ତି ଉତ୍ସବ ମହାସମାରୋହରେ ପାଳିତ ହୋଇଥାଏ । ମକର ସଂକ୍ରାନ୍ତି ଦିନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମଙ୍ଗଳ ଆଳତି ଓ ଅବକାଶ ନୀତି ବଢ଼ିବା ପରେ ଶ୍ରୀଜିଉମାନଙ୍କର ପଟା ପହରଣ ଲାଗି କରାଯିବା ପରେ ତ୍ରିମୁଣ୍ଡିରେ ମକରଚୂଳ ଲାଗି ହୋଇଥାଏ । ଏହାପରେ କର୍ପୂର ଲାଗି ହୋଇ ଶ୍ରୀବିଗ୍ରହମାନଙ୍କର ବେଶ ବଢ଼ିଥାଏ । ବିଶେଷଭାବେ ଜଗମୋହନରେ ଶ୍ରୀଜିଉଙ୍କର ଅର୍ପିତ ନଡ଼ିଆ, ଘିଅ, ମିଠା, ମସଲା, ଦୁଧସର, ଗୁଡ଼ିଆ ଶାକରରେ ପ୍ରସ୍ତୁତ ଅମୃତୋଗମ ମକରଚାଉଳ (ମକରାନ୍ନ କୈବଲ୍ୟ) ବା ମକରଭୋଗ ଲାଭ କରିବା ନିମନ୍ତେ ଦର୍ଶକମାନଙ୍କଠାରେ ପ୍ରବଳ ଆଗ୍ରହ ଦେଖାଯାଇଥାଏ । ଏହି ଯାତ୍ରା ସମ୍ବନ୍ଧରେ ସ୍କନ୍ଧପୁରାଣରେ ଉଲ୍ଲେଖ ରହିଛି ଯେ, ମହା ପୁଣ୍ୟମୟ ମକର ସଂକ୍ରାନ୍ତି ଦିନ ଶ୍ରୀକ୍ଷେତ୍ରରେ ତୀର୍ଥରାଜ ମହୋଦଧିରେ ସ୍ନାନ କରି ଶ୍ରୀମନ୍ଦିରରେ କଳ୍ପବଟ ପ୍ରଦକ୍ଷିଣପୂର୍ବକ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କଲେ ଅଶେଷ ଫଳପ୍ରାପ୍ତି ହୋଇଥାଏ । ମକର ସଂକ୍ରାନ୍ତି ବେଳକୁ ଓଡ଼ିଶାରେ ଧାନ, ଆଖୁ ଆଦି ନୂଆଫସଲ ଅମଳ ହୋଇଥାଏ । ତେଣୁ ସେଦିନ ନୂଆ ଧାନରୁ ପ୍ରସ୍ତୁତ ଅପକ୍ୱ ଅରୁଆ ଚାଉଳ, ନୂଆଗୁଡ଼, ଛେନା, ନଡ଼ିଆ, ପାଚିଲା କଦଳୀ, ଘିଅ, କ୍ଷୀର ଇତ୍ୟାଦିରେ ଭୋଗ ପ୍ରସ୍ତୁତ କରି ଗୃହଦେବତାଙ୍କୁ ଓ ଧାନଖଳାରେ ଭୋଗ ଲଗାଯାଏ । ଏହି ଭୋଗ 'ମକର ଚାଉଳ' ଭାବେ ପରିଚିତ । ଏହି ଭୋଗ ଖିଆଖୋଇ ହୋଇ ଲୋକେ 'ମକର' ବସନ୍ତି । କେତେକ ଅଞ୍ଚଳରେ ନୂଆଧାନର ଚାଉଳରେ ପ୍ରସ୍ତୁତ ପୋଡ଼ପିଠା ସହିତ ଗୁଡ, କଦଳୀ, ନଡ଼ିଆ ଓ ଅରୁଆଚାଉଳରେ ଭୋଗ କରାଯାଇ ଦେବାଦେବୀଙ୍କ ପାଖରେ ଦିଆଯାଏ । ସୂର୍ଯ୍ୟଙ୍କ ଯୋଗୁଁ କୃଷିକ୍ଷେତରେ ଶସ୍ୟ ଉତ୍ପନ୍ନ ହେଉଥିବାରୁ କୃଷକମାନେ ମକରସଂକ୍ରାନ୍ତିର ପୂର୍ଣ୍ୟାକାଳରେ ସୂର୍ଯ୍ୟଙ୍କୁ ନୂତନ ଶସ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥା'ନ୍ତି । ଓଡ଼ିଶାର ଉତ୍ତରାଞ୍ଚଳରେ, ବିଶେଷତଃ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଆଦିବାସୀମାନଙ୍କର ମକରଯାତ୍ରା ଏକ ପ୍ରଧାନ ପର୍ବ । ଏହି ଅଞ୍ଚଳରେ ବସବାସ କରୁଥିବା କୁଡୁମୀ ସମ୍ପ୍ରଦାୟର ଲୋକେ ଏହି ପର୍ବକୁ ଟୁସୁ ପର୍ବରୂପେ ପାଳନ କରିଥା'ନ୍ତି । ମକର ସଂକ୍ରାନ୍ତି ପୂର୍ବରୁ ଓ ପରେ ସମସ୍ତଙ୍କ ଘରେ ଭିନ୍ନଭିନ୍ନ ପ୍ରକାର ବ୍ୟଞ୍ଜନ ବିଭିନ୍ନ ଦିନରେ ହୋଇଥାଏ ଏବଂ ସମସ୍ତେ ନୂଆବସ୍ତ୍ର ପରିଧାନ କରିଥାନ୍ତି । ନାଚଗୀତ ଓ ଭୋଜିଭାତ ମାଧ୍ୟମରେ ଏହିପର୍ବକୁ ମହା ଆନନ୍ଦରେ ଆଦିବାସୀମାନେ ପାଳନ କରିଥା'ନ୍ତି । ମକର ପର୍ବର ଟୁସୁଗୀତ ଅତ୍ୟନ୍ତ ହୃଦୟସ୍ପର୍ଶୀ । ସେମାନଙ୍କ ପରମ୍ପରାରେ ମକରଯାତ୍ରା ଏକ ସ୍ନେହ, ପ୍ରେମ, ଆନନ୍ଦ ଓ ସଦ୍‌ଭାବନାର ମହୋତ୍ସବ ।

ମକର ସଂକ୍ରାନ୍ତି ହେଉଛି ଗତିକୁ ଚିହ୍ନିବାର ଏକ ପର୍ବ, ଗତି ହେଉଛି ଉତ୍ସବ, ଗତି ହେଉଛି ଜୀବନ, ଗତି ହେଉଛି ଜୀବନର ପ୍ରକ୍ରିୟା ଏବଂ ଜୀବନର ଆରମ୍ଭ ତଥା ଶେଷ । ଏହି ବର୍ଷ ଆପଣଙ୍କ ଜୀବନରୁ ସମସ୍ତ ଅନ୍ଧକାରକୁ ଦୂର କରି ଆପଣଙ୍କୁ ସର୍ବୋତ୍ତମ ଆଲୋକରେ ଆଚ୍ଛାଦିତ କରୁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ଜାନୁଆରୀ ୨୦୨୬ ବୁଧବାର



# ଆଲୁମିନିୟମ ଫଏଲ ବ୍ୟବହାର କରୁଥିଲେ ସତର୍କ ହୋଇଯାଆନ୍ତୁ

ଆଲୁମିନିୟମ୍ ଫଏଲ୍‌ରେ ଖାଦ୍ୟ ଗୁଡ଼ାଉଛନ୍ତି କି? ଅଧିକାଂଶ ଘରେ ବଳକା ରୋଟି ଗୁଡ଼ାଇବା, ପନିପରିବା ଘୋଡ଼ାଇ ରଖିବା କିମ୍ବା ମଧ୍ୟାହ୍ନ ଭୋଜନ ବାକ୍ସ ପ୍ୟାକ୍ କରିବା ପାଇଁ ଆଲୁମିନିୟମ୍ ଫଏଲ୍ ବ୍ୟବହାର କରିବା ସାଧାରଣ କଥା। ବିଶ୍ୱାସ ଯେ ଏଥିରେ ଖାଧ ଗୁଡ଼ାଇ ରଖିଲେ ଗରମ ସହିତ ଖାଦ୍ୟ ନଷ୍ଟ ହୁଏ ନାହିଁ। କିନ୍ତୁ ଆପଣ କେବେ ଭାବିଛନ୍ତି କି ଏହି ଅଭ୍ୟାସ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ସୁରକ୍ଷିତ? ଆସନ୍ତୁ ଏହି ବିଷୟରେ ଜାଣିବା। ଡିସେମ୍ବର ୨୦୨୪ରେ "ଫୁଡ୍ ବାୟୋସାଇନ୍ସ" ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ଯେତେବେଳେ ମାଛକୁ ଆଲୁମିନିୟମ ଫଏଲରେ ଉଚ୍ଚ ତାପମାତ୍ରାରେ ଭାଜି ଦିଆଯାଏ ସେତେବେଳେ ଫଏଲର ଧାତୁ ମାଛ ଭିତରକୁ ଚାଲିଯାଏ। ଗବେଷକମାନେ ଜାଣିପାରିଲେ ଯେ ଯେତେ ଅଧିକ ଫଏଲ ବ୍ୟବହାର କରାଯାଏ ଖାଦ୍ୟରେ ସେତେ ଅଧିକ ଧାତୁ ଶୋଷିତ ହୁଏ। ଅନ୍ୟ ଏକ ଅଧ୍ୟୟନରେ ବେକିଂ ସମୟରେ ଆଲୁମିନିୟମ୍ ଫଏଲ୍ ଖାଦ୍ୟକୁ କିପରି ପ୍ରଭାବିତ କରେ ତାହା ଦେଖାଯାଇଥିଲା। ଏଥିରେ ଦେଖାଯାଇଥିଲା ଯେ ସାଲମନ, ମ୍ୟାକେରେଲ୍, ଚିକେନ୍, ପୋର୍କ, ଟମାଟୋ ଏବଂ ପନିର ଭଳି ଅନେକ



ଖାଦ୍ୟ ସାମଗ୍ରୀରେ ଆଲୁମିନିୟମ୍ ପରିମାଣ ୪୦ ଗୁଣ ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

ଏହି ପରିପ୍ରେକ୍ଷୀରେ ଡାକ୍ତରମାନେ କୁହନ୍ତି ଯେ ଆଲୁମିନିୟମ୍ ଫଏଲ୍ ଏବଂ ପାତ୍ରର ଅନୁପଯୁକ୍ତ ବ୍ୟବହାର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିପାରେ। ବିଶେଷଜ୍ଞମାନେ କୁହନ୍ତି ଯେ ଆଲୁମିନିୟମ୍ ଟମାଟୋ, ଲେମ୍ବୁ, ଭିନେଗାର, ଆଚାର ଏବଂ ତରକାରୀ ଯଥା ଖଟା, ଲୁଣିଆ ଏବଂ ମସଲାଯୁକ୍ତ ଖାଦ୍ୟ ସହିତ ବିଶେଷ ଭାବରେ ତୀବ୍ର ପ୍ରତିକ୍ରିୟା କରେ। ଯେତେବେଳେ ଏପରି ଖାଦ୍ୟ ଫଏଲ୍ କିମ୍ବା ଆଲୁମିନିୟମ୍ ପାତ୍ରରେ ରନ୍ଧାଯାଏ, ସେତେବେଳେ ଧାତୁ ଖାଦ୍ୟ ଭିତରକୁ ଯାଇପାରେ। ଡାକ୍ତରମାନେ ସତର୍କ କରାଇ ଦେଇଛନ୍ତି ଯେ ଦୀର୍ଘ ସମୟ ଧରି ଉଚ୍ଚ ମାତ୍ରାର ଆଲୁମିନିୟମ ସହିତ ସମ୍ପର୍କ ରଖିବା ଦ୍ୱାରା ହାଡ଼ ସମସ୍ୟା, ବୃକକ୍ ଚାପ ଏବଂ ସ୍ନାୟୁ ସମସ୍ୟା ହୋଇପାରେ। ବୃକକ୍ ରୋଗୀଙ୍କ କ୍ଷେତ୍ରରେ ଏହି ବିପଦ ଆହୁରି ଅଧିକ। ବିଶେଷଜ୍ଞଙ୍କ ମତରେ, ପ୍ରତିଦିନ ରୋଷେଇ କିମ୍ବା ଦୀର୍ଘକାଳୀନ ସଂରକ୍ଷଣ ପାଇଁ ଆଲୁମିନିୟମ୍ ଫଏଲ୍ କିମ୍ବା ପାତ୍ର ବ୍ୟବହାର କରିବାରୁ ଦୂରେଇ ରୁହନ୍ତୁ। ଫଏଲ୍?ରେ ଖଟା, ଲୁଣିଆ ଏବଂ ମସଲାଯୁକ୍ତ ଖାଦ୍ୟ ସଂରକ୍ଷଣ କରିବାରୁ ଦୂରେଇ ରୁହନ୍ତୁ। ରନ୍ଧା ଖାଦ୍ୟକୁ ଷ୍ଟିଲ୍, କାଚ କିମ୍ବା ସିରାମିକ୍ ପାତ୍ରରେ ରଖନ୍ତୁ। ଯଦି ବେକିଂ କିମ୍ବା ଗ୍ରୀଲ୍ କରିବା ପାଇଁ ଫଏଲ୍ ବ୍ୟବହାର କରୁଛନ୍ତି, ତେବେ ଖାଦ୍ୟ ଏବଂ ଫଏଲ୍ ମଧ୍ୟରେ ବଟର ପେପର୍ କିମ୍ବା ବେକିଂ କାଗଜ ରଖନ୍ତୁ।

# ଥଣ୍ଡାରେ ମୋଜା ପିନ୍ଧି ଶୋଇବା ଠିକ୍ କି? ଡାକ୍ତରଙ୍କ ମତ କଣ ଜାଣନ୍ତୁ

ଶୀତଦିନେ ଅତ୍ୟଧିକ ଥଣ୍ଡା ଜାରି ରହିଛି । ଏହାରି ଭିତରେ ଥଣ୍ଡାରୁ ରକ୍ଷା ପାଇବା ପାଇ ଲୋକମାନେ ଉଷ୍ମ କପଡା ପିନ୍ଧିଥାନ୍ତି । ଯେପରିକି ପାଦରେ ମୋଜା ପିନ୍ଧିବା । ତେବେ ମୋଜା ପିନ୍ଧି ଶୋଇଲେ କିଛି ପାଶ୍ୱର୍ ପ୍ରତିକ୍ରିୟା ଦେଖାଦେଇଥାଏ ।

ପାଦ ଥଣ୍ଡା ହେବାରୁ ରକ୍ଷା ପାଇବା ପାଇଁ ମୋଜା ପିନ୍ଧି ଶୋଇବା ଠିକ୍ କି? ପାଦ ଥଣ୍ଡା ହେବାରୁ ରକ୍ଷା ପାଇବା ପାଇଁ ଆପଣ ରାତିରେ ମୋଜା ପିନ୍ଧିପାରିବେ। ଏହା ଆପଣଙ୍କ ପାଦକୁ ଉଷ୍ମ ରଖେ ଏବଂ ରାତିରେ ବାରମ୍ବାର ଜାଗ୍ରତ ହେବାକୁ ରୋକିଥାଏ। ନ୍ୟାସନାଲ ସ୍ଲିପ୍ ଫାଉଣ୍ଡେସନ୍ ଅନୁଯାୟୀ, ଉଷ୍ମ ପାଦ ଆପଣଙ୍କୁ ଶୀଘ୍ର ଶୋଇବାରେ ସାହାଯ୍ୟ କରେ। ଏହାର ଅର୍ଥ ହେଉଛି ଯଦି ଆପଣ ମୋଜା ପିନ୍ଧି ଶୋଉଛନ୍ତି, ତେବେ ଆପଣ ଶୀଘ୍ର ଶୋଇପଡ଼ିବେ ।

ଏହା ପଛରେ ଥିବା ବିଜ୍ଞାନ ହେଉଛି ଯେ ମୋଜା ପିନ୍ଧିଲେ ପାଦ ଉଷ୍ମ ରହିବ, ଯାହା ରକ୍ତବାହୀ ନଳୀଗୁଡ଼ିକୁ ବିସ୍ତାର କରିବ। ଏହି ପ୍ରକ୍ରିୟାକୁ ଭାସୋଡିଲେସନ୍ କୁହାଯାଏ। ଏହା ଶରୀରକୁ ବିଶ୍ରାମ ମୋଡ୍‌ରେ ରଖେ ଏବଂ ନିଦ ଆଣିଥାଏ। ଅନ୍ୟପକ୍ଷରେ, ଯେତେବେଳେ ପାଦ ଥଣ୍ଡା ଥାଏ, ରକ୍ତବାହୀ ନଳୀଗୁଡ଼ିକ ସଙ୍କୁଚିତ ହୋଇଯାଏ, ଯାହା ଶରୀରକୁ ବିଶ୍ରାମ ଏବଂ ନିଦ୍ରା ପାଇଁ ଉପଯୁକ୍ତ ସଙ୍କେତ ପାଇବାରୁ ବାଧା ଦେଇଥାଏ ।

ଶୋଇବା ସମୟରେ, ଶରୀରର ମୂଳ ତାପମାତ୍ରା ଧୀରେ ଧୀରେ ହ୍ରାସ ପାଏ। ଭଲ ନିଦ ପାଇଁ ଏହି ପ୍ରକ୍ରିୟା ଅତ୍ୟନ୍ତ ଜରୁରୀ। ଯଦି ପାଦ ଥଣ୍ଡା ଥାଏ, ତେବେ ଶରୀର ବାହାରର ତାପମାତ୍ରା ହ୍ରାସ ପାଉଛି ବୋଲି ଅନୁଭବ କରେ। ତେଣୁ, ଶରୀର ତାପ ସଂରକ୍ଷଣ କରିବା ପାଇଁ ତାପକୁ ଭିତରକୁ ଟାଣିବା ଆରମ୍ଭ କରେ, ଯାହା ଶରୀରର ମୂଳ ତାପମାତ୍ରାକୁ ହ୍ରାସ ପାଇବାରୁ ରୋକିଥାଏ। ମୋଜା ପିନ୍ଧି ଶୋଇବା ପ୍ରକୃତରେ ଶୀଘ୍ର ନିଦ ଆସିବାରେ ସାହାଯ୍ୟ କରେ କି?

# ସମ୍ପର୍କରେ ତିକ୍ତତା ଥିଲେ ମଧୁରତା ଆଣିବା ପାଇଁ ବାସ୍ତୁ ନିୟମ କ'ଣ ଅଛି ଜାଣନ୍ତୁ

ସମସ୍ତେ ଚାହାଁନ୍ତି ସବୁ ସଦସ୍ୟଙ୍କ ମଧ୍ୟରେ ସମ୍ପର୍କ ମଧୁର ହେଉ। ହେଲେ କିଛି ଘରେ ପ୍ରାୟ ସମୟରେ ଅଶାନ୍ତି ଦେଖିବାକୁ ମିଳିଥାଏ। ସେହିପରି ସାନମାନେ ବଡ଼ଙ୍କୁ ଉଚିତ ସମ୍ମାନ ଦେଇ ନଥାନ୍ତି। ପତିପତ୍ନୀଙ୍କ ମଧ୍ୟ ସମ୍ପର୍କ ତିକ୍ତ ହୋଇଯାଇଥାଏ। ଭାଇ, ବାପା, ଦାଦା, ଭଉଣୀ ପରି ସମ୍ପର୍କରେ ମାନ ମତାନ୍ତର ଦେଖାଯାଇଥାଏ। ପ୍ରେମୀଯୁଗଳଙ୍କ ମଧ୍ୟରେ କିଛି ମତାନ୍ତର ଦେଖାଗଲେ ମଧ୍ୟ ବାହାଘରରେ ଅସୁବିଧା ହୋଇଯାଏ। ଏପରି ସମସ୍ୟାରେ ପଡୁଥିଲେ ଜାଣି ରଖନ୍ତୁ ଘରେ କିଛି ବାସ୍ତୁ ଦୋଷ ରହିଛି। କୁହାଯାଏ ମଧୁର ସମ୍ପର୍କ ପାଇଁ କିଛିମାତ୍ରାରେ ଭାଗ୍ୟର ସହଯୋଗ ଦରକାର। ବାସ୍ତୁଶାସ୍ତ୍ର ଅନୁସାରେ ଏହି ଭାଗ୍ୟ ହେଉଛି ବାସ୍ତୁ। ଏପରି ଭାଗ୍ୟ ସବୁ ଲୋକଙ୍କ ଆଖପାଖରେ କିଛି ମାତ୍ରାରେ ରହିଥାଏ। ଯାହା ଠିକ ରହିଲେ ଆପଣଙ୍କ ମଧ୍ୟରେ ଓ ଆଖପାଖରେ ସକାରାତ୍ମକ ଶକ୍ତି ଜାଗ୍ରତ ହେବ ଓ ଆପଣଙ୍କ ପରିବାରରେ ସମ୍ପର୍କରେ ମଧୁରତା ଆସିବ ବୋଲି କହିଛନ୍ତି ବାସ୍ତୁବିତ୍। ଘରକୁ ସଫାସୁତରା ରଖିବା ସହିତ ଶୋଇବା ଘରେ ସ୍ୱାମୀ ଓ ସ୍ତ୍ରୀଙ୍କ ଫଟୋ ଉତ୍ତର ଓ ପୂର୍ବ ଦିଗରେ ଟାଙ୍ଗିବା ଉଚିତ। ସାତଟି ମୟୂର ପଙ୍ଖା ଖଟର ଉପରି ଭାଗ କାନ୍ଥରେ ଲଗାଇ ରଖିବା ତେବେ ସମ୍ପର୍କର ସୁଧାର ଆସିବ। ଦୁଇଟି ହଂସଙ୍କର ଫଟୋ ଯଦି ଉତ୍ତର ଦିଗରେ ରଖାଯାଏ ତେବେ ପ୍ରେମ ସମ୍ପର୍କରେ ମଧୁରତା ଆସିଥାଏ।

ଘରେ ସୁଗନ୍ଧିତ ପୁଷ୍ପ ରଖିବା ଦ୍ୱାରା ନକରାତ୍ମ ଶକ୍ତି ଦୂର ହୋଇଥାଏ ମୟୂର ଚନ୍ଦ୍ରିକା ନବଗ୍ରହଙ୍କୁ ଶାନ୍ତ ରଖିବା ପାଇଁ ଯଥେଷ୍ଟ ଅଟେ ଭାଲେନ୍‌ଷ୍ଟାଇନ୍ ଡେ ଦିନ ଯଦି ଯୋଡ଼ି ହଂସର ଉପହାର କିମ୍ବା ମୟୂର ଚନ୍ଦ୍ରିକାର ଉପହାର ଦିଆଯାଏ ତେବେ ପ୍ରେମିଯୁଗଳଙ୍କ ପ୍ରେମ ବଢ଼ିଥାଏ । ଏହି ଦିନ ଚନ୍ଦନ କାଠର ମୂର୍ତ୍ତି, ପରଫ୍ୟୁମ୍, ଦଉଡ଼ିବା ଘୋଡ଼ା, ସୁନାର ଲକେଟ, ଚାନ୍ଦି ଓ ସେନୋଲାଇଟ୍‌ର ଲକେଟ୍ ଉପହାରରେ ଦେବା ମଧ୍ୟ ଶୁଭଫଳ ଆଣିଥାଏ ଓ ସମ୍ପର୍କରେ ମଧୁରତା ଆସିଥାଏ । ଅଗ୍ନି କୋଣରେ ଗୋଟେ କେଜି ଘିଅ, ମହୁ ଓ ଗୁଡ଼ ରଖିବାଦ୍ୱାରା ପରିବେଶ ଶାନ୍ତ ରୁହେ।

ଘର ଦୁଆରରେ ସବୁ ବେଳେ ହାଲକା ରଙ୍ଗର ପେଣ୍ଟିଂ ଟାଙ୍ଗନ୍ତୁ। ଏହା ଆପଣଙ୍କୁ ଶାନ୍ତ ରଖିବା ସହ ଜୀବନସାଥୀଙ୍କ ସହ ସମ୍ପର୍କକୁ ମଧୁର ହେବାରେ ସହାୟକ ହେବ।

# ଜନ୍ମ ସମୟରେ ଶରୀରରେ ଜନ୍ମ ଚିହ୍ନ କାହିଁକି ଦେଖାଯାଏ

ଯେତେବେଳେ ଏକ ଶିଶୁ ଏକ ଚିହ୍ନ କିମ୍ବା ଦାଗ ସହିତ ଜନ୍ମ ହୁଏ ଏହାକୁ ଜନ୍ମ ଚିହ୍ନ କୁହାଯାଏ। ଏହି ଚିହ୍ନଗୁଡ଼ିକ ହାଲୁକା ବାଦାମୀ, ଗାଢ଼ କଳା, ଲାଲ କିମ୍ବା ନୀଳ ସମେତ ଅନେକ ରଙ୍ଗର ହୋଇପାରେ। ଏହି ଚିହ୍ନଗୁଡ଼ିକ ମୁହଁ, ହାତ, ପାଦ କିମ୍ବା ଶରୀରର ଅନ୍ୟ କୌଣସି ସ୍ଥାନରେ ଦେଖାଯାଇପାରେ। କେତେକ ସମୟରେ ଏହି ଚିହ୍ନଗୁଡ଼ିକ ଜୀବନସାରା ରହିଥାଏ ତ ଆଉ କେତେବେଳ ଏହା ସମୟ ଅନୁସାରେ ଲିଭିଯାଇଥାଏ। ଏପରି ପରିସ୍ଥିତିରେ ଲୋକମାନେ ପ୍ରାୟତଃ ଭାବନ୍ତି ଯେ ପିଲାମାନଙ୍କଠାରେ ଏପରି ଜନ୍ମଚିହ୍ନ କାହିଁକି ଥାଏ ଏବଂ ସେଗୁଡ଼ିକ କୌଣସି ରୋଗ ସହିତ ଜଡ଼ିତ କି ନାହିଁ। ତେଣୁ ଆସନ୍ତୁ ଜାଣିବା କାହିଁକି ଜନ୍ମ ସମୟରେ ପିଲାମାନଙ୍କଠାରେ ଜନ୍ମଚିହ୍ନ ଦେଖାଯାଏ ଏବଂ ଡାକ୍ତରମାନେ ଏ ବିଷୟରେ କ'ଣ କୁହନ୍ତି।

ଡାକ୍ତରଙ୍କ ମତରେ ଅଧିକାଂଶ ଜନ୍ମଚିହ୍ନ ସ୍ୱତଃସ୍ଫୂର୍ତ୍ତ ଭାବରେ ଦେଖାଯାଏ ଏବଂ କୌଣସି ରୋଗ ସହିତ ଏହାର ସମ୍ପର୍କ ନାହିଁ। କେତେକ ସମୟରେ ଏହା ବିଶ୍ୱାସ କରାଯାଏ ଯେ ଜନ୍ମଚିହ୍ନ ମା'ଙ୍କ ଖାଇବା ପିଇବା ଅଭ୍ୟାସ କିମ୍ବା ଗର୍ଭାବସ୍ଥାରେ ଭୁଲ ଯୋଗୁଁ ହୋଇଥାଏ ଯଦିଓ ଏହି ବିଶ୍ୱାସ ଭୁଲ। ଏହା ଉଲ୍ଲେଖ କରିବା ଉଚିତ ଯେ ପ୍ରାୟ ୮୦ ପ୍ରତିଶତ ନବଜାତ ଶିଶୁ ଜନ୍ମଚିହ୍ନ ସହିତ ଜନ୍ମ ହୁଅନ୍ତି। ଏହା ବ୍ୟତୀତ ଅନେକ



କ୍ଷେତ୍ରରେ ଜନ୍ମଚିହ୍ନର କୌଣସି ସ୍ପଷ୍ଟ କାରଣ ନାହିଁ। ଏହା ବିଶ୍ୱାସ କରାଯାଏ ଯେ ଅଳ୍ପ ସଂଖ୍ୟକ କ୍ଷେତ୍ରରେ ସେଗୁଡ଼ିକ ବଂଶାନୁକ୍ରମିକ ହୋଇପାରେ। ଜନ୍ମଚିହ୍ନ ସାଧାରଣତଃ ଦୁଇ ପ୍ରକାରର ହୋଇଥାଏ, ରକ୍ତବାହୀ ଏବଂ ପିଗ୍?ମେଣ୍ଟେଡ୍। ଚର୍ମ ତଳେ ରକ୍ତ କୋଷଗୁଡ଼ିକ ଠିକ୍ ଭାବରେ ବିକଶିତ ନ ହେଲେ ରକ୍ତବାହୀ ଜନ୍ମଚିହ୍ନ ସୃଷ୍ଟି ହୁଏ। ରକ୍ତବାହୀ ଜନ୍ମଚିହ୍ନରେ ମାକୁଲାର ଦାଗ ମଧ୍ୟ ଅନ୍ତର୍ଭୁକ୍ତ ଯାହା ହାଲୁକା ଲାଲ ଦାଗ ଯାହା କପାଳ, ଆଖିପତା, ନାକ କିମ୍ବା ବେକର ପଛପଟେ ଦେଖାଯାଇପାରେ। ରକ୍ତବାହୀ ଜନ୍ମଚିହ୍ନରେ ହେମାଞ୍ଜିଓମାସ୍ ଏବଂ ପୋର୍ଟ- ୱାଇନ୍ ଦାଗ ମଧ୍ୟ ଅନ୍ତର୍ଭୁକ୍ତ। ହେମାଞ୍ଜିଓମାସ୍ ହେଉଛି ଲାଲ କିମ୍ବା ନୀଳ ଉଠାଯାଇଥିବା ଦାଗ ଯାହା ପୃଷ୍ଠରେ କିମ୍ବା ଚର୍ମ ଭିତରେ ଦେଖାଯାଇପାରେ। ଅନ୍ୟପକ୍ଷରେ , ପୋର୍ଟ-ୱାଇନ୍ ଦାଗ ଚର୍ମରେ ଗାଢ଼ ଲାଲ କିମ୍ବା ୱାଇନ୍ ରଙ୍ଗର ଦାଗ ଭାବରେ ଦେଖାଯାଏ ଯାହା ବୟସ ସହିତ କଳା ହୋଇପାରେ। ରଙ୍ଗବାହୀ ଜନ୍ମଚିହ୍ନ ଚର୍ମରେ ଅତ୍ୟଧିକ ରଙ୍ଗଫଳ ଉତ୍ପାଦନ ହେତୁ ହୋଇଥାଏ। ଯାହା ଫଳରେ ଏହି ଅଞ୍ଚଳଟି ଚର୍ମର ଅନ୍ୟ ଅଂଶଠାରୁ ଭିନ୍ନ ଦେଖାଯାଏ।

ଜନ୍ମଚିହ୍ନ ବିଷୟରେ ଡାକ୍ତରମାନେ କ'ଣ କୁହନ୍ତି? ଜନ୍ମଚିହ୍ନ ବିଷୟରେ ଡାକ୍ତରମାନେ କୁହନ୍ତି ଯେ ଅନେକ ଜନ୍ମଚିହ୍ନ ସମୟ ସହିତ ସମ୍ପୂର୍ଣ୍ଣ ଭାବରେ ଫିକା କିମ୍ବା ଅଦୃଶ୍ୟ ହୋଇଯାଏ। ବିଶେଷକରି ମାକୁଲାର ଦାଗ ଏବଂ ହେମାଞ୍ଜିଓମା ଜନ୍ମଚିହ୍ନ। ଜନ୍ମଚିହ୍ନ ସାଧାରଣତଃ ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ ନୁହେଁ କିନ୍ତୁ କେତେକ ସମୟରେ ଏହା ଲୋକଙ୍କ ଆତ୍ମବିଶ୍ୱାସକୁ ପ୍ରଭାବିତ କରିପାରେ।

# ପ୍ୟାକେଜିଂରେ ହେବ ପରିବର୍ତ୍ତନ, ନିଜେ ଚିହ୍ନିପାରିବେ କେଉଁ ଆଣ୍ଟିବାୟୋଟିକ୍ ଖାଇବେ




ଦେଶରେ ଆଣ୍ଟିବାୟୋଟିକ୍ସର ଅତ୍ୟଧିକ ବ୍ୟବହାର ଏବଂ ଅପବ୍ୟବହାରକୁ ରୋକିବା ପାଇଁ କେନ୍ଦ୍ର ସରକାର ଏକ ବୈପ୍ଳବିକ ପରିବର୍ତ୍ତନ ପ୍ରସ୍ତୁତ କରୁଛନ୍ତି। ଏବେ ବଜାରରେ ଉପଲବ୍ଧ ଆଣ୍ଟିବାୟୋଟିକ୍ସ ସେମାନଙ୍କର ନିଜସ୍ୱ ପରିଚୟ ସହିତ ଉପଲବ୍ଧ ହେବ। ସରକାର ପ୍ରସ୍ତାବ ଦେଇଛନ୍ତି ଯେ ଆଣ୍ଟିବାୟୋଟିକ୍ ପ୍ୟାକେଜିଂରେ ସ୍ୱତନ୍ତ୍ର କୋଡିଂ, ରଙ୍ଗ ସୂଚକ କିମ୍ବା ସ୍ପଷ୍ଟ ଚିହ୍ନ ବ୍ୟବହାର କରାଯିବା ଉଚିତ ଯାହା ଦ୍ୱାରା ଜଣେ ନିରକ୍ଷର କିମ୍ବା କମ୍ ଶିକ୍ଷିତ ବ୍ୟକ୍ତି ମଧ୍ୟ ରାପର ଦେଖି ବୁଝିପାରିବେ ଯେ ଏହା ଏକ ସାଧାରଣ ଔଷଧ ନୁହେଁ ବରଂ ଏକ ଆଣ୍ଟିବାୟୋଟିକ୍।

ରିପୋର୍ଟ ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ପ୍ରତି ଆଣ୍ଟିବାୟୋଟିକ୍ସର ବର୍ଦ୍ଧିତ ବ୍ୟବହାର ଏବଂ ଏହାର ପ୍ରଭାବରେ ସୃଷ୍ଟି ହେଉଥିବା ପ୍ରତିରୋଧ ଉପରେ ଚିନ୍ତା ପ୍ରକାଶ କରିଛନ୍ତି। ସେ ଜଣେ ୮୦ ବର୍ଷୀୟ ମହିଳାଙ୍କ ଉଦାହରଣ ଦେଇଥିଲେ ଯିଏ ତାଙ୍କ ଜୀବନସାରା ଅତ୍ୟଧିକ ପରିମାଣରେ ସେଗୁଡ଼ିକୁ ଗ୍ରହଣ କରିଥିବାରୁ ୧୮ଟି ଭିନ୍ନ ଆଣ୍ଟିବାୟୋଟିକ୍ସ ବିରୁଦ୍ଧରେ ପ୍ରଭାବହୀନ ହୋଇଯାଇଥିଲେ। ଏହା ପରେ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଉଭଝଉଙ ଔଷଧର ପ୍ୟାକେଜିଂ ପରିବର୍ତ୍ତନ କରିବା ବିଷୟରେ ଆଲୋଚନା କରିବା ଆରମ୍ଭ କରିଥିଲେ। ସରକାର ଏବଂ ବିଶେଷଜ୍ଞଙ୍କ ମଧ୍ୟରେ ଅନେକ ବିକଳ୍ପ ଉପରେ ଆଲୋଚନା କରାଯାଉଛି, ଯେଉଁଥିରେ ଅନ୍ତର୍ଭୁକ୍ତ ଭିନ୍ନ ରଙ୍ଗର ଷ୍ଟ୍ରାଇପ୍: ଷ୍ଟ୍ରିପ୍ ଉପରେ ଏକ ସ୍ୱତନ୍ତ୍ର ରଙ୍ଗର ଷ୍ଟ୍ରାଇପ୍ ଦିଆଯାଇପାରେ। ରାପଟରେ ବଡ଼ ଅକ୍ଷରରେ ଏକ ଚେତାବନୀ କିମ୍ବା ସ୍ୱତନ୍ତ୍ର ଚିହ୍ନ ମୁଦ୍ରିତ ହେବ। ଔଷଧର ବର୍ଗକୁ ଆଲଫାନ୍ୟୁମେରିକ୍ କିମ୍ବା ଛଜ କୋଡ୍ ମାଧ୍ୟମରେ ଚିହ୍ନଟ କରାଯାଇପାରିବ। ଆଜିକାଲି ସାଧାରଣ ରୋଗୀ ପ୍ରାୟତଃ ଜାଣିପାରୁନାହାଁନ୍ତି ଯେ ନିର୍ଦ୍ଧାରିତ ଔଷଧ ଯନ୍ତ୍ରଣା ନିବାରକ କି ଆଣ୍ଟିବାୟୋଟିକ୍। ଏହି ଦ୍ୱନ୍ଦ୍ୱର ସୁଯୋଗ ନେଇ ଅନେକ ରସାୟନ ବିକ୍ରେତା ଡାକ୍ତରଙ୍କ ପ୍ରେସକ୍ରିପସନ ବିନା ଏହି ଔଷଧଗୁଡ଼ିକୁ ବିକ୍ରି କରନ୍ତି। ବାରମ୍ବାର, ଅନାବଶ୍ୟକ ଆଣ୍ଟିବାୟୋଟିକ୍ ବ୍ୟବହାର ଶରୀରରେ ଜୀବାଣୁକୁ ଏହି ଔଷଧ ପ୍ରତି ପ୍ରତିରୋଧୀ କରିପାରେ। ଜନସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବହୁ ଦିନ ଧରି ଭାରତରେ କାଉଣ୍ଟରରେ ଆଣ୍ଟିବାୟୋଟିକ୍ସର ବିକ୍ରିକୁ ଏକ ସଙ୍କଟ ବୋଲି କହିଆସୁଛନ୍ତି। ବିଶେଷଜ୍ଞଙ୍କ ମତରେ, ପ୍ୟାକେଜିଂ ସ୍ତରରେ ଆଣ୍ଟିବାୟୋଟିକ୍ ଚିହ୍ନଟକୁ ସହଜ କରିବା ଏକ ପ୍ରମୁଖ ପଦକ୍ଷେପ ହେବ।

# ଯୁବପିଢ଼ିଙ୍କଠାରେ ବୃଦ୍ଧି ପାଉଥିବା ହୃଦଘାତର କାରଣ ଜାଣନ୍ତୁ

ହୃଦରୋଗ, ଯାହା ପୂର୍ବରୁ ମୁଖ୍ୟତଃ ବୟସ୍କମାନଙ୍କୁ ପ୍ରଭାବିତ କରେ ବୋଲି ଚିନ୍ତା କରାଯାଉଥିଲା, ଏବେ ଏହା ଯୁବପିଢ଼ିଙ୍କୁ ଅଧିକ ଆକ୍ରାନ୍ତ କରୁଛି। ବିଶେଷଜ୍ଞମାନେ କହିଛନ୍ତି ଯେ ୪୦ ବର୍ଷରୁ କମ୍ ବୟସ୍କଙ୍କ ମଧ୍ୟରେ ହୃଦଘାତ ବର୍ତ୍ତମାନ ବିଶ୍ୱ ସ୍ତରରେ ୬-୧୦ ପ୍ରତିଶତ ମାମଲା ଭାରତରେ ବିଶ୍ୱ ହାରାହାରି ହାର ଅପେକ୍ଷା ଆହୁରି ଅଧିକ। ଏହି ପରିବର୍ତ୍ତନ ଯୁବପିଢ଼ିଙ୍କ ସ୍ୱାସ୍ଥ୍ୟ ପ୍ରତି ଗମ୍ଭୀର ଚିନ୍ତା ସୃଷ୍ଟି କରିଛି।

ଏହି ଚିନ୍ତାଜନକ ଧାରା ପଛରେ ଜୀବନଶୈଳୀ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଅନେକ ଯୁବପିଢ଼ି ଡେସ୍କ ଉପରେ ବସି, ଯାତାୟାତ କରି କିମ୍ବା ସ୍କ୍ରିନ୍ ବ୍ୟବହାର କରି ଦୀର୍ଘ ସମୟ ବିତାଇଥାନ୍ତି। ପ୍ରକ୍ରିୟାକୃତ, ଚିନି ଏବଂ ଚର୍ବିଯୁକ୍ତ ଖାଦ୍ୟରେ ଅତ୍ୟଧିକ ଖାଦ୍ୟ ସହିତ ମିଶି, ଏହି ଅଭ୍ୟାସଗୁଡ଼ିକ ଓଜନ ବୃଦ୍ଧିରେ ସାହାଯ୍ୟ କରେ ଏବଂ ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ଉଚ୍ଚ କୋଲେଷ୍ଟ୍ରଲର ବିପଦକୁ ବୃଦ୍ଧି କରେ, ଯାହା ହୃଦୟକୁ ଚାପ ଦିଏ। ମାନସିକ ସ୍ୱାସ୍ଥ୍ୟ ଆଉ ଏକ ଲୁକ୍କାୟିତ କାରଣ। ଦୀର୍ଘକାଳୀନ ଚାପ, ଚିନ୍ତା ଏବଂ ଡିପ୍ରେସନ୍ କୋର୍ଟିସୋଲ୍ ସ୍ତରକୁ ବୃଦ୍ଧି କରେ, ଯାହା ସମୟ ସହିତ ରକ୍ତଚାପ ବୃଦ୍ଧି କରିପାରେ ଏବଂ ହୃଦୟକୁ କ୍ଷତି ପହଞ୍ଚାଇପାରେ। ଚାପ ଧୂମପାନ, ଅତ୍ୟଧିକ ମଦ୍ୟପାନ କିମ୍ବା ନିଶା ସେବନ



ଭଳି ଅସ୍ୱାସ୍ଥ୍ୟକର ମୁକାବିଲା ଆଚରଣକୁ ମଧ୍ୟ ଉତ୍ସାହିତ କରେ, ଯାହା ହୃଦଘାତର ବିପଦକୁ ଆହୁରି ବୃଦ୍ଧି କରେ।

ଭଲ ଖବର ହେଉଛି ଯେ ପ୍ରତିରୋଧ ସମ୍ଭବ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଶୀଘ୍ର ଲୁକ୍କାୟିତ ବିପଦଗୁଡ଼ିକୁ ଧରିହେବ। ଏକ ସନ୍ତୁଳିତ ଖାଦ୍ୟ ଏବଂ ଦୈନନ୍ଦିନ ଶାରୀରିକ କାର୍ଯ୍ୟକଳାପ ହୃଦୟକୁ ସୁରକ୍ଷା ଦେବାରେ ସାହାଯ୍ୟ କରେ। ଯେତେବେଳେ ଧ୍ୟାନ କିମ୍ବା ଯୋଗ ଭଳି ଅଭ୍ୟାସ ମାନସିକ ସୁସ୍ଥତାକୁ ସମର୍ଥନ କରେ। ମଧୁମେହ କିମ୍ବା ଉଚ୍ଚ ରକ୍ତଚାପ ଭଳି ଦୀର୍ଘସ୍ଥାୟୀ ଅବସ୍ଥା ପାଇଁ ଉପଯୁକ୍ତ ଚିକିତ୍ସା ଯୋଜନା ଅନୁସରଣ କରିବା ସହିତ ତମାଖୁ, ଇ-ସିଗାରେଟ୍ ଏବଂ ମନୋରଞ୍ଜନକାରୀ ଔଷଧ ପରିହାର କରିବା ଅତ୍ୟନ୍ତ ଜରୁରୀ।

# ଜଙ୍କଫୁଡ ମସ୍ତିଷ୍କକୁ କ୍ଷତି ପହଞ୍ଚାଏ

ଉତ୍ତର ପ୍ରଦେଶର ଆମରୋହାରେ ଜଣେ ୧୧ ଶ୍ରେଣୀ ଛାତ୍ରୀ ଅତ୍ୟଧିକ ଫାଷ୍ଟଫୁଡ୍ ଖାଇବା ପରେ ମୃତ୍ୟୁବରଣ କରିଛନ୍ତି। ସେ ଦିଲ୍ଲୀର ଏମ୍ସରେ ଚିକିତ୍ସାଧୀନ ଥିଲେ। ଡାକ୍ତରମାନେ ରିପୋର୍ଟ କରିଛନ୍ତି ଯେ ଅତ୍ୟଧିକ ଫାଷ୍ଟଫୁଡ୍ ଖାଇବା ଯୋଗୁଁ ଝିଅଟିର ଅନ୍ତନଳୀ ଏକାଠି ଲାଗି ଯାଇଥିଲା। ତାଙ୍କର ପାଚନ ପ୍ରଣାଳୀ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା। ଫାଷ୍ଟଫୁଡ୍ ଶରୀର ପାଇଁ ଅପମିଶ୍ରିତ ଇନ୍ଧନ। ଏହା ଧୀରେ ଧୀରେ ଶରୀରକୁ କ୍ଷତି ପହଞ୍ଚାଏ। ଯଦି ଆପଣ ଫାଷ୍ଟଫୁଡ୍ ଖାଇବା ଜାରି ରଖନ୍ତି, ତେବେ ହଠାତ୍ ଗୋଟିଏ ଦିନ ଶରୀର କାମ କରିବା ବନ୍ଦ କରିଦେବ।

ଅଧିକାଂଶ ଫାଷ୍ଟଫୁଡ ରିଫାଇନ୍ ମଇଦାରୁ ତିଆରି ହୋଇଥାଏ। ଏଥିରେ ପ୍ରଚୁର ଲୁଣ, ଚିନି ଏବଂ ପାମ୍ ତେଲ ଥାଏ। ଏହି ଜିନିଷଗୁଡ଼ିକ ସ୍ୱାଦିଷ୍ଟ ହୋଇପାରେ, କିନ୍ତୁ ଏଥିରେ ପୁଷ୍ଟିକର ବହୁତ କମ୍ କିମ୍ବା କୌଣସି ପୁଷ୍ଟିକର ଥାଏ। ଫାଷ୍ଟଫୁଡ୍‌ରେ ରିଫାଇନ୍ କାର୍ବୋହାଇଡ୍ରେଟ୍, ପ୍ରଚୁର ପରିମାଣର ଚିନି, ଲୁଣ ଏବଂ ଅସ୍ୱାସ୍ଥ୍ୟକର ଚର୍ବି ଥାଏ, ଯେତେବେଳେ ଏଥିରେ ଫାଇବର, ଭିଟାମିନ୍ ଏବଂ ମିନେରାଲ୍ସ କମ୍ ଥାଏ। ତେଣୁ, ଏହି ଖାଦ୍ୟ ଛୋଟ ଅନ୍ତ୍ରରେ ଶୀଘ୍ର ହଜମ ହୁଏ ଏବଂ ତୁରନ୍ତ ମସ୍ତିଷ୍କକୁ ଏକ ସଙ୍କେତ ପଠାଏ। ଏହା ଆମକୁ ଭଲ ଅନୁଭବ କରାଏ, କିନ୍ତୁ ରକ୍ତ ଶର୍କରା ଦ୍ରୁତ ଗତିରେ ବଢ଼ିଯାଏ।




ଏହାକୁ ନିୟନ୍ତ୍ରଣ କରିବା ପାଇଁ, ଅଗ୍ନାଶୟ ଅଧିକ ଇନସୁଲିନ୍ ମୁକ୍ତ କରେ। ଏହି ସମୟରେ, ବଡ଼ ଅନ୍ତ୍ରରେ ଥିବା ସୁସ୍ଥ ଜୀବାଣୁ ଫାଇବର ପାଇଁ ଅପେକ୍ଷା କରି ଭୋକିଲା ରୁହନ୍ତି। ଏହା ପାଚନକୁ ବାଧା ଦିଏ, ଓଜନ ବୃଦ୍ଧି କରେ ଏବଂ ମଧୁମେହ ଏବଂ ଫ୍ୟାଟି ଲିଭର ଭଳି ରୋଗର ଆଶଙ୍କା ବଢ଼ାଇଥାଏ।

ଯେତେବେଳେ ଆମେ ଫାଷ୍ଟଫୁଡ୍ ଖାଉ, ଆମେ ଖୁସି ଅନୁଭବ କରୁ। ଅଧିକ ଚିନି, ଲୁଣ ଏବଂ ଚର୍ବି ମସ୍ତିଷ୍କରେ ଡୋପାମିନ୍ ଦ୍ରୁତ ଗତିରେ ମୁକ୍ତ ହୁଏ। ଏହି କାରଣରୁ ଆମେ ବାରମ୍ବାର ସମାନ ଖାଦ୍ୟ ଖାଇବାକୁ ଇଚ୍ଛା କରୁ। କିନ୍ତୁ ଏହି ଖୁସି କ୍ଷଣସ୍ଥାୟୀ।

ଫାଷ୍ଟଫୁଡ୍ ଧୀରେ ଧୀରେ ଖାଦ୍ୟ ନଳୀକୁ କ୍ଷତି ପହଞ୍ଚାଏ। ଏଥିରେ ଥିବା ଅଧିକ ଚର୍ବି ଏବଂ ମସଲା ପେଟ ଏସିଡ୍ ବୃଦ୍ଧି କରେ। ଯେତେବେଳେ ଏହି ଏସିଡ୍ ପୁଣି ଉପରକୁ ପ୍ରବାହିତ ହୁଏ, ଏହା ଖାଦ୍ୟନଳୀରେ ଜଳାପୋଡ଼ା ଏବଂ ଛାତିରେ ଜଳାପୋଡ଼ା ଅନୁଭବ କରାଏ। ଏହାକୁ ଏସିଡ୍ ରିଫ୍ଲକ୍ସ କୁହାଯାଏ। ଯଦି ଏହା ବାରମ୍ବାର ହୁଏ, ତେବେ ଖାଦ୍ୟନଳୀର ଭିତର ଆବରଣ ଦୁର୍ବଳ ହେବାକୁ ଆରମ୍ଭ କରେ। ଗିଳିବାରେ କଷ୍ଟ ଏବଂ ଛାତିରେ ଭାରୀପଣ ଭଳି ସମସ୍ୟା ଧୀରେ ଧୀରେ ବଢ଼ିପାରେ।

ଫାଷ୍ଟଫୁଡ୍ ଖାଇବା ଦ୍ୱାରା ପାନକ୍ରିୟାସ୍ ଉପରେ ପ୍ରବଳ କାର୍ଯ୍ୟଭାର ପଡ଼ିଥାଏ। ଏଥିରେ ଥିବା ରିଫାଇନ୍ କାର୍ବୋହାଇଡ୍ରେଟ୍ ଏବଂ ଚିନି ରକ୍ତରେ ଶୀଘ୍ର ଦ୍ରବୀଭୂତ ହୋଇଯାଏ, ଯାହା ଫଳରେ ରକ୍ତ ଶର୍କରା ହଠାତ୍ ବୃଦ୍ଧି ପାଏ। ଏହାକୁ ନିୟନ୍ତ୍ରଣ କରିବା ପାଇଁ, ପାନକ୍ରିୟାସ୍ ବାରମ୍ବାର ଅଧିକ ଇନସୁଲିନ୍ ମୁକ୍ତ କରିବାକୁ ପଡ଼ିଥାଏ। ପ୍ରାରମ୍ଭରେ ଏହାକୁ ପରିଚାଳନା କରିଥାଏ, କିନ୍ତୁ ଯେତେବେଳେ ଏହା ପ୍ରତିଦିନ ଘଟେ, ଏହା କ୍ଳାନ୍ତ ହେବାକୁ ଲାଗେ।

# ଶୀତରେ ସୁପରଫୁଡ 'ଗାଜର' - ସ୍ୱାସ୍ଥ୍ୟ ପାଇଁ ବେଷ୍ଟ



ଶୀତ ଋତୁ ଆସିଲେ, ବଜାରରେ ଲାଲ, ତାଜା ଏବଂ ମିଠା ଗାଜର ପ୍ରଚୁର ପରିମାଣରେ ଉପଲବ୍ଧ ହୋଇଥାଏ। ଏହି ଋତୁରେ ଗାଜର କେବଳ ସ୍ୱାଦିଷ୍ଟ ନୁହେଁ, ବରଂ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରେ। ଗାଜରରେ ଭିଟାମିନ୍ ଏ, ଭିଟାମିନ୍ ସି, ଫାଇବର ଏବଂ ବିଭିନ୍ନ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ, ଯାହା ଶୀତ ଋତୁରେ ସୁସ୍ଥ ଶରୀର ବଜାୟ ରଖିବାରେ ସାହାଯ୍ୟ କରେ। ଶୀତ ଋତୁରେ, ଲୋକମାନେ ଗାଜରକୁ କଞ୍ଚା, ସାଲାଡରେ, ଜୁସ୍ ଭାବରେ କିମ୍ବା ସ୍ୱାଦିଷ୍ଟ ଗାଜର ପୁଡିଂ ଭାବରେ ଖାଆନ୍ତି। ପ୍ରତିଦିନ ସଠିକ୍ ପରିମାଣରେ ଗାଜର ଖାଇବା ଦ୍ୱାରା ଅନେକ ରୋଗ ପ୍ରତିରୋଧ ହୋଇପାରିବ।

ଶୀତଦିନେ ଥଣ୍ଡା, କାଶ ଏବଂ ଭାଇରାଲ୍ ସଂକ୍ରମଣ ସାଧାରଣ। ଗାଜରରେ ଥିବା ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ। ପ୍ରତିଦିନ ଗାଜର ଖାଇବା ଦ୍ୱାରା ଶରୀର ମଜବୁତ ହୁଏ ଏବଂ ରୋଗ ହେବାର ଆଶଙ୍କା କମ୍ ହୋଇଥାଏ। ଗାଜର ଆଖି ପାଇଁ ବହୁତ ଭଲ ବୋଲି ବିବେଚନା କରାଯାଏ। ଏଥିରେ ବିଟା-କ୍ୟାରୋଟିନ ଥାଏ, ଯାହା ଶରୀରରେ ଭିଟାମିନ ଏ ରେ ପରିଣତ ହୁଏ। ଏହା ଦୃଷ୍ଟିଶକ୍ତିକୁ ଉନ୍ନତ କରେ ଏବଂ ଶୀତଦିନେ ଶୁଷ୍କତା କମ କରେ, ଯାହା ଏକ ସାଧାରଣ ସମସ୍ୟା। ଶୀତଦିନେ ଚର୍ମ ଶୁଷ୍କ ଏବଂ ମଳିନ ହୋଇପାରେ। ଗାଜରରେ ଥିବା ଭିଟାମିନ୍ ଏ ଏବଂ ଆଣ୍ଟିଅକ୍ସିଡାଣ୍ଟ ଚର୍ମକୁ ଭିତରୁ ପୋଷଣ ଦେଇଥାଏ, ଏହାକୁ ନରମ, ସ୍ୱଚ୍ଛ ଏବଂ ପ୍ରାକୃତିକ ଭାବରେ ଉଜ୍ଜ୍ୱଳ କରିଥାଏ। ଶୀତଦିନେ ପାଚନ ଶକ୍ତି ଦୁର୍ବଳ ହୋଇଯାଏ, ଯାହା କୋଷ୍ଠକାଠିନ୍ୟ ସୃଷ୍ଟି କରେ। ଗାଜରରେ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ପେଟ ସଫା କରିବାରେ ସାହାଯ୍ୟ କରେ ଏବଂ ପାଚନ ଶକ୍ତିକୁ ଉନ୍ନତ କରିଥାଏ। ପ୍ରତିଦିନ ଗାଜର ଖାଇବା ଦ୍ୱାରା ପେଟ ସମସ୍ୟାରୁ ମୁକ୍ତି ମିଳିଥାଏ।

ଗାଜର ସୁସ୍ଥ ହୃଦୟ ବଜାୟ ରଖିବାରେ ମଧ୍ୟ ସାହାଯ୍ୟ କରେ। ଏଥିରେ ଥିବା ପୋଟାସିୟମ ଏବଂ ଆଣ୍ଟିଅକ୍ସିଡାଣ୍ଟ ଖରାପ କୋଲେଷ୍ଟ୍ରଲକୁ କମ କରିବାରେ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ।

# ସାମର୍ଥ୍ୟବାନ୍‌ର ଦୁର୍ବଳତା

ସତ୍ୟ ଏହା ଯେ ଶକ୍ତିମାନ ବ୍ୟକ୍ତିର ମନୋବଳ ତୁଟିବା ଭଳି ବାକ୍ୟ କେହି ଯଦି ନିରନ୍ତର ପ୍ରୟୋଗ କରନ୍ତି, ତେବେ ଯେତେ ବଳଶାଳୀ ହେଲେ ମଧ୍ୟ ନିଜ ଉପରୁ ବିଶ୍ୱାସ ତୁଟିଯାଇଥାଏ। ଫଳତଃ ସାମର୍ଥ୍ୟର ଉପଯୁକ୍ତ ବିନିଯାଗ ହୋଇନଥାଏ। ଶକ୍ତିର ପରାକାଷ୍ଠା ଦେଖାଇବାରେ ପ୍ରୋତ୍ସାହନର ବିଶେଷ ଭୂମିକା ଥାଏ। ନିରୁତ୍ସାହଜନକ ମନ୍ତବ୍ୟ ସାମର୍ଥ୍ୟବାନର ମନୋବଳକୁ ଭାଙ୍ଗିଦେଇଥାଏ। ଏହା ସାମର୍ଥ୍ୟବାନର କଣ୍ଟା ସଦୃଶ। ଏ ସମ୍ପର୍କରେ ମହାଭାରତର ନିମ୍ନୋକ୍ତ ରୋଚକ ପ୍ରସଙ୍ଗ।

ମଦ୍ର ନରେଶ ଶଲ୍ୟ ଥିଲେ ପାଣ୍ଡବମାନଙ୍କର ମାମୁ। ଘଟଣାଚକ୍ରରେ କୌରବଙ୍କ ପକ୍ଷରେ ରହି ଯୁଦ୍ଧ କରିବାକୁ ବାଧ୍ୟ ହୋଇଥିଲେ। ଏହା ଥିଲା ଏକ ବ୍ୟତିକ୍ରମ। କୂଟନୀତି ବିଶାରଦ ଶ୍ରୀକୃଷ୍ଣ ଏହା ଜାଣିଥିଲେ ଯେ ମଦ୍ର ନରେଶ ଅଙ୍ଗରାଜ କର୍ଣ୍ଣଙ୍କ ରଥର ସାରଥି ଦାୟିତ୍ୱ ତୁଲାଇବେ। ଦୁର୍ଯ୍ୟୋଧନଙ୍କ ସେନାରେ କର୍ଣ୍ଣ ଥିଲେ ଅଜେୟ ଯୋଦ୍ଧା। ଯଦିଚ କପଟତା କରି ଦେବରାଜ ଇନ୍ଦ୍ର ତାଙ୍କ ସାମର୍ଥ୍ୟର ବଳିଷ୍ଠ ସନ୍ତକ କବଚ କୁଣ୍ଡଳ ଦାନସୂତ୍ରରେ ନେଇଯାଇଥାନ୍ତି ତଥାପି ସେ ପିତାମହ ଭୀଷ୍ମ, ଆଚାର୍ଯ୍ୟ ଦ୍ରୋଣଙ୍କ ସମକକ୍ଷ ଯୋଦ୍ଧା ଭାବରେ ଯୁଦ୍ଧରେ ନିଜର ପରାକାଷ୍ଠା ଦେଖାଇବେ ଯାହା ପାଣ୍ଡବମାନଙ୍କ ପାଇଁ ଶୁଭଙ୍କର ହେବନାହିଁ ଭାବି ଶ୍ରୀକୃଷ୍ଣ ନିଶ୍ଚିତ ଥିଲେ। ମହାରାଜଙ୍କୁ ବୁଝାଇ ଦେଇଥିଲେ ପିତାମହ ଭୀଷ୍ମ ଓ ଆଚାର୍ଯ୍ୟ ଦ୍ରୋଣ କୌରବସେନାଙ୍କ ପକ୍ଷରେ ଥିଲେ ମଧ୍ୟ ଦୁହେଁ ପାଣ୍ଡବମାନଙ୍କର ଶୁଭ ଚିନ୍ତକ କିନ୍ତୁ କର୍ଣ୍ଣ ପାଣ୍ଡବମାନଙ୍କର ଘୋର ବିରୋଧୀ। ଦୁର୍ଯ୍ୟୋଧନଙ୍କର ଏକାନ୍ତ ଅନୁରକ୍ତ।

ପିତାମହ ଭୀଷ୍ମ ଯୁଦ୍ଧ କରୁଥିବା ପର୍ଯ୍ୟନ୍ତ ଅଧିରଥ ପୁତ୍ର କର୍ଣ୍ଣଙ୍କୁ ଗୁରୁଦାୟିତ୍ୱ ଦେବେନାହିଁ; ହେଲେ ତାଙ୍କର ଯୁଦ୍ଧ ଭୂମିରୁ ନିଷ୍କ୍ରାନ୍ତ ହେବାପରେ ଅଙ୍ଗରାଜ କର୍ଣ୍ଣ ମୁଖ୍ୟ ଦାୟିତ୍ୱ ନେବେ। କର୍ଣ୍ଣ, ବୀରମାନଙ୍କ ମଧ୍ୟରେ ମହାବୀର, ଗୁରୁଙ୍କ ଗୁରୁ ମହାଗୁରୁ ପରଶୁରାମଙ୍କ ଶିଷ୍ୟ। କୂଟନୀତିରେ ଅତ୍ୟନ୍ତ କୁଶଳ ଶ୍ରୀକୃଷ୍ଣ ମଦ୍ର ନରେଶଙ୍କୁ କହିଥିଲେ, ମୁଁ ଅର୍ଜୁନଙ୍କ ରଥରେ ସାରଥି ହୋଇ ତାଙ୍କର ମନୋବଳ ବଢ଼ାଇବି, ତାଙ୍କୁ ଉତ୍ସାହିତ କରିବି; କିନ୍ତୁ ତୁମେ କର୍ଣ୍ଣଙ୍କ ରଥର ସାରଥି ହୋଇ ତାଙ୍କର ମନୋବଳ ଭାଙ୍ଗିବ, ତାଙ୍କୁ ନିରୁତ୍ସାହିତ କରିବ । କୁରୁସେନାଙ୍କ ଦୁର୍ଗତି କଥା ବାରମ୍ବାର ତାଙ୍କୁ କହିବ। କବଚ କୁଣ୍ଡଳ ଚାଲିଯିବା ପରେ ସେ ଯେ ଅଜେୟ ନୁହନ୍ତି, ଯେ କୌଣସି ମୁହୂର୍ତ୍ତରେ ମଧ୍ୟମ ପାଣ୍ଡବଙ୍କ ଦ୍ୱାରା ଯୁଦ୍ଧରେ ପରାସ୍ତ, ନିହତ ହେବେ ବୋଲି କହିବ। ଉଚିତ ସମୟରେ ଅଙ୍ଗରାଜ କର୍ଣ୍ଣ କୌରବ ସେନାଙ୍କ ପ୍ରଧାନ ସେନାପତି ହୋଇଥିଲେ। ଶଲ୍ୟ ଏହି ସୁଯୋଗରେ କର୍ଣ୍ଣ ଓ କୁରୁସେନାର ନିନ୍ଦା ରଟନା କରିଥିଲେ ବିଭିନ୍ନ ଭାବରେ। ତୀର ଭଳି ଏହି ନିନ୍ଦା କର୍ଣ୍ଣଙ୍କ ହୃଦୟକୁ ଆଘାତ ଦେଉଥିଲା ଓ ତାଙ୍କର ମନୋବଳ କ୍ରମଶଃ ଊଣା ହୋଇ ଆସୁଥିଲା। ପରିଶେଷରେ ଗୁରୁ ପରଶୁରାମଙ୍କ ଅଭିଶାପ ତଥା ଶ୍ରୀକୃଷ୍ଣଙ୍କ କୂଟନୀତି ସ୍ୱୀକାର ହୋଇଥିଲା। ଯୁଦ୍ଧ ଭୂମିରେ ଏହି ମହାବୀର ବୀରଗତି ପ୍ରାପ୍ତ ହୋଇଥିଲେ।

### ଇଣ୍ଡିଆ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

## ଷ୍ଟାଡିୟମର ସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଲେ ମିଆ ବ୍ଲିଚଫେଲ୍ଡ



**ନୂଆଦିଲ୍ଲୀ**

ଦିଲ୍ଲୀରେ ଚାଲିଥିବା ଇଣ୍ଡିଆ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଆୟୋଜନ ଓ ଷ୍ଟାଡିୟମର ସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଡେନମାର୍କର ଷ୍ଟାର ଖେଳାଳି ମିଆ ବ୍ଲିଚଫେଲ୍ଡ। ଖେଳ ପଡ଼ିଆର ଅପରିଷ୍କାର ପରିବେଶ ଏବଂ ଅସ୍ୱାସ୍ଥ୍ୟକର ସ୍ଥିତିକୁ ସେ 'ଅପ୍ରଫେସନାଲ' ବୋଲି ଦର୍ଶାଇଛନ୍ତି।

ମିଆ ବ୍ଲିଚଫେଲ୍ଡ ଅଭିଯୋଗ କରିଛନ୍ତି ଯେ, ୱାର୍ମ-ଅପ୍ କୋର୍ଟ ଭିତରେ ପକ୍ଷୀମାନେ ଉଡୁଛନ୍ତି ଏବଂ ସେଠାରେ ପକ୍ଷୀଙ୍କ ମଳ ପଡ଼ି ରହିଛି, ଯାହା ଖେଳାଳିଙ୍କ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ। ଏହାଛଡ଼ା ଷ୍ଟାଡିୟମ ଭିତରେ ପ୍ରବଳ ଶୀତ ଯୋଗୁଁ ଖେଳାଳିମାନଙ୍କୁ ଜ୍ୟାକେଟ୍, ଗ୍ଲୋଭସ୍ ଓ ଟୋପି ପିନ୍ଧି ପ୍ରସ୍ତୁତ ହେବାକୁ ପଡୁଛି। ସେ କହିଛନ୍ତି, "ଏଭଳି ପରିବେଶରେ ଜଣେ ପ୍ରଫେସନାଲ ଖେଳାଳି ଶରୀରକୁ ଫ୍ଲେକ୍ସିବଲ୍ କରିବା ବା ଖେଳ ପାଇଁ ପ୍ରସ୍ତୁତ ହେବା କଷ୍ଟକର।"

ଚଳିତ ବର୍ଷ ଶେଷ ଆଡ଼କୁ ଏହି ଭେନ୍ୟୁରେ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଅନୁଷ୍ଠିତ ହେବାକୁ ଥିବାରୁ, ବ୍ଲିଚଫେଲ୍ଡ ବିଶ୍ୱ ବ୍ୟାଡ୍‌ମିଣ୍ଟନ ସଂଘ (ବିଡବ୍ଲୁଏଫ)କୁ ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଯଦି ପରିସ୍ଥିତିରେ ସୁଧାର ନଆସେ, ତେବେ ଖେଳାଳିମାନେ ଆହତ କିମ୍ବା ଅସୁସ୍ଥ ହେବାର ଭୟ ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

କେବଳ ମିଆ ନୁହଁନ୍ତି, କାନାଡାର ମିସେଲ୍ ଲି ଏବଂ ପୂର୍ବତନ ବିଶ୍ୱ ଚାମ୍ପିଅନ ରତଚାନୋକ୍ ଇଣ୍ଟାନନ ମଧ୍ୟ ଷ୍ଟାଡିୟମର ଅତ୍ୟଧିକ ଶୀତକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଇଣ୍ଟାନନ କହିଛନ୍ତି ଯେ, କୋର୍ଟ ଭିତରେ ଖେଳାଳିଙ୍କୁ ଗରମ ରଖିବା ପାଇଁ ହିଟରର ଆବଶ୍ୟକତା ରହିଛି।

### ସ୍ପାନିଶ ସୁପର କପ୍-୨୦୨୬

## ୩-୨ ଗୋଲ୍‌ରେ ରିୟଲ ମାଡ୍ରିଦକୁ ହରାଇ ବାର୍ସେଲୋନା ଚାମ୍ପିଅନ

**ନୂଆଦିଲ୍ଲୀ**

ଏଫସି ବାର୍ସେଲୋନା ଚଳିତ ବର୍ଷ ସ୍ପାନିଶ ସୁପର କପ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଜେଦାହ ସ୍ଥିତ କିଙ୍ଗ ଅବଦୁଲ୍ଲା ସ୍ପୋର୍ଟ୍ସ ସିଟି ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ଫାଇନାଲ୍ ମୁକାବିଲାରେ ବାର୍ସେଲୋନା ବାଜି ମାରି ନେଇଛି। ୩-୨ ଗୋଲ୍‌ରେ ରିୟଲ ମାଡ୍ରିଦକୁ ହରାଇଥିଲା ଟ୍ରଫି ଉଠାଇଛି।



ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ରହିଥିଲେ ହେଁ ଦଳର ବଲ୍ ନିୟନ୍ତ୍ରଣ ଢେର ଉନ୍ନତ ରହିଥିଲା। ୩୬ତମ ମିନିଟ୍‌ରେ ବାର୍ସେଲୋନା ଗୋଲ ଖାତା ଖୋଲିଥିଲା। ଦଳ ପକ୍ଷରୁ ରଫିନା ଏହି ଗୋଲ୍ କରିଥିଲେ। ୪୫ତମ ମିନିଟ୍ ରହିଥିଲା ନାଟକୀୟ। ପ୍ରଥମେ ରିୟଲ ମାଡ୍ରିଦ (୪୫+୨ତମ ମିନିଟ୍) ପକ୍ଷରୁ ଭିନିସିୟସ ଜୁନିୟର ଗୋଲ୍ ପରିଶୋଧ କରିଥିଲେ। ୩ ମିନିଟ୍ (୪୫+୪ତମ ମିନିଟ୍) ମଧ୍ୟରେ ବାର୍ସେଲୋନା ପକ୍ଷରୁ ରୋବୋର୍ଟ ଲିୱାଣ୍ଡୋସ୍କି ଆଉ ଏକ ଗୋଲ୍ କରି ଦଳକୁ ୨-୧ରେ ଅଗ୍ରଣୀ କରାଇ ଥିଲେ। ୨ମିନିଟ୍ (୪୫+୬ତମ ମିନିଟ୍) ମଧ୍ୟରେ ରିୟଲ ମାଡ୍ରିଦ ପକ୍ଷରୁ ଗୋଞ୍ଜାଲୋ ଗାର୍ସିଆ ଆଉ ଏକ ଗୋଲ କରି ୨-୨ରେ ସ୍ଥିତି ବରାବର କରିଥିଲେ। ଦ୍ୱିତୀୟାର୍ଦ୍ଧ ସଂଘର୍ଷପୂର୍ଣ୍ଣ ରହିଥିଲା। ୭୩ତମ ମିନିଟ୍‌ରେ ରଫିନା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ କରି ବାର୍ସେଲୋନାକୁ ପୁନର୍ବାର ଅଗ୍ରଣୀ କରାଇଥିଲେ। ରିୟଲ ମାଡ୍ରିଦ ଯେତେ କଳ ବଳ କୌଶଳ ଲଗାଇଥିଲେ ବି ଆଉ ମ୍ୟାଚ୍‌କୁ ଫେରି ପାରିନଥିଲା। ବାର୍ସେଲୋନା ୧୬ତମ ସୁପର କପ ଟାଇଟଲ ହାସଲ କରିଥିଲା।

## ବହଲତଳିଏନ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ : କୁଚିଣ୍ଡା ଚାମ୍ପିଅନ




**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ଗାଇସିଲେଟ ମିନି ଷ୍ଟାଡିୟମ ଠାରେ ଆଥ୍‌ଲେଟିକ ଆସୋସିଏସନ ତରଫରୁ ଆୟୋଜିତ ୨୮ତମ ମା' ବହଲତଳିଏନ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଦୀର୍ଘ ତିନି ଦିନ ଧରି ଚାଲିଥିବା ବେଳେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ଫାଇନାଲ ମ୍ୟାଚ୍ କୁଚିଣ୍ଡା ବି.ଏଫ୍.ସି ଓ ଝାରସୁଗୁଡ଼ା ଆଦର୍ଶ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ କୁଚିଣ୍ଡା ଦଳ ୨-୦ ଗୋଲରେ ଝାରସୁଗୁଡ଼ା ଦଳକୁ ହରାଇ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲା ଓ ଝାରସୁଗୁଡ଼ା ଦଳ ରନର୍ସଅପ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ଅମ୍ବିକା ତ୍ରିବେଦୀ, ପାଟଣାଗଡ଼ ବିଇଓ ଶଙ୍କର ମାଝୀ, ଯୁଥ କ୍ଲବ ସଭାପତି ରଞ୍ଜନ ପଣ୍ଡା, ସରପଞ୍ଚ ଶରତ କାଲୋ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ୍‌ରେ ରେଫରୀ ଭାବରେ ପ୍ରଶାନ୍ତ ବେହେରା, ଶଶିକାନ୍ତ ଦାସିଆ, ଜିତେନ୍ଦ୍ରିୟ ଥେନାପତି ପରିଚାଳନା କରିଥିଲେ। ବିଜେତା ଦଳକୁ ୩୦୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଉପ ବିଜେତା ଦଳକୁ ୨୦୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାକୁ ସଫଳ କରିବାରେ ଲେକୁରୁ ଡୁଡୁକା, ଗୋପାଳ ବରିହା, ପ୍ରକାଶ କଲେତ, କୈଳାଶ ମହାନନ୍ଦ, ମୁନା ସେଠ, ରାଜକିଶୋର ଭୋଇ, ଲିପୁ ସେଠ, ପିଣ୍ଟୁ ସାହୁ, ଲକ୍ଷ୍ମୀ ପାଇକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ତେବେ ଗାଇସିଲେଟ ଭଳି ଜାଗାରେ ଏଭଳି ଏକ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିବାରୁ ଆୟୋଜକଙ୍କୁ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ମହଲିଙ୍ଗ ଭୂରି ଭୂରି ପ୍ରଶଂସା କରିଥିଲେ।

## ବ୍ରହ୍ମପୁରରୁ ରୁଦ୍ର ପ୍ରତାପ ଷଡ଼ଙ୍ଗୀ ଦ୍ୱିତୀୟ ଖେଲୋ ଇଣ୍ଡିଆ ବିଚ୍ ପେନଚାକ ସିଲଟ ପ୍ରତିଯୋଗିତାରେ ବ୍ରୋଞ୍ଜ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**



ପଶ୍ଚିମ ଭାରତର ଦାଦ୍ରା ଓ ନଗର ହାବେଲୀ ଏବଂ ଡାମନ ଓ ଡିଉରେ ଦ୍ୱିତୀୟ ଖେଲୋ ଇଣ୍ଡିଆ ବିଚ୍ ପେନଚାକ ସିଲଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୫ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାରେ ବ୍ରହ୍ମପୁରରୁ ରୁଦ୍ର ପ୍ରତାପ ଷଡ଼ଙ୍ଗୀ ଅଂଶ ଗ୍ରହଣ କରିଥିଲେ। ବରିଷ୍ଠ ବର୍ଗରେ ୮୫ ରୁ ୯୦ କ୍ୟାଟେଗୋରୀରେ ଭାଗ ନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବ୍ରହ୍ମପୁର ପହଞ୍ଚିବା ପରେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଗଞ୍ଜାମ ପେନଚାକ ସିଲଟ ଆସୋସିଏସନର ସଭାପତି ରବି କୁମାର ସାହୁ, ଉପସଭାପତି ଭୁଗୁରାମ ପଣ୍ଡା, ଟେକ୍ନିକାଲ ଡିରେକଟର ସ୍ନେହାଂଶୁ ବିଷୋୟୀ, ସାଧାରଣ ସମ୍ପାଦକ ତଥା କୋଚ ଶ୍ରୀଧର ସାହୁ ଓ ଖେଳାଳୀମାନେ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଶୁଭେଚ୍ଛା ଜଣାଇଥିଲେ। ପୂର୍ବରୁ ମଧ୍ୟ ରୁଦ୍ର ପ୍ରତାପ ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଚଳିତ ଥର ମଧ୍ୟ ପଦକ ହାସଲ କରିଥିବାକୁ ବେଶ ଖୁସି ଥିବା ବେଳେ ଆଗାମୀ ଦିନରେ ଅଧିକରୁ ଅଧିକା ଅଭ୍ୟାସ କରି ସ୍ୱର୍ଣ୍ଣ ପଦକ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଭଳି ସଫଳତା ପରେ ଗଞ୍ଜାମ ପେନଚାକ ସିଲଟ ଆସୋସିଏସନ ଓ ନିଜ ପରିବାର ଲୋକଙ୍କୁ ଶ୍ରେୟ ଦେଇଛନ୍ତି।

### ଫେଲ୍ ମାରିଲା ବାଂଲାଦେଶର ଧମକ

## ଭାରତରୁ ଟି-ଟ୍ୱେଣ୍ଟି ବିଶ୍ୱକପ ଭେନ୍ୟୁ ବଦଳାଇବାକୁ ମନା କଲା ଆଇସିସି

**ନୂଆଦିଲ୍ଲୀ**

ବାଂଲାଦେଶକୁ ଆଇସିସି ଝଟ୍‌କା ଲାଗିଛି। ଭାରତରେ ହେବାରୁ ଥିବା ଟି-ଟ୍ୱେଣ୍ଟି ବିଶ୍ୱକପ ମୁକାବିଲାରେ ବାଂଲାଦେଶର ଭେନ୍ୟୁ ବଦଳିବ ନାହିଁ। ସ୍ଥାନ ବଦଳାଇବାକୁ ବାଂଲାଦେଶ କରିଥିବା ଅନୁରୋଧକୁ ରଖିନାହିଁ ଆଇସିସି। ଇଣ୍ଟର ନ୍ୟାସନାଲ କ୍ରିକେଟ କାଉନସିଲ ସ୍ପଷ୍ଟ ସଙ୍କେତ ଦେଇଛି କି ହୁଏତ ବାଂଲାଦେଶର ଏହି ଅନୁରୋଧ ସ୍ୱୀକାର କରାଯିବ ନାହିଁ। ଏହା ପଛର କାରଣ ହେଉଛି ଦେଶରେ ସୁରକ୍ଷା ଚିନ୍ତା ଉପରେ ଏକ ଆକଳନ ରିପୋର୍ଟରେ ବିପଦ ଆଶଙ୍କା କମ୍ ଦର୍ଶାଯାଇଛି।




ଆଇସିସି ସୂତ୍ର ଅନୁଯାୟୀ ବୈଶ୍ୱିକ ସଞ୍ଚାଳନ ସଂସ୍ଥାର ଆକଳନରେ ଫେବୃୟାରୀ ୭ରୁ ଆରମ୍ଭ ହେବ ଟି-ଟ୍ୱେଣ୍ଟି ବିଶ୍ୱକପ। ଭାରତ ଓ ଶ୍ରୀଲଙ୍କା ଆୟୋଜନରେ ଖେଳାଯିବ ଏହି ମେଗା ଟୁର୍ଣ୍ଣାମେଣ୍ଟ। ବାଂଲାଦେଶ ଏଥିରେ ଭାଗ ନେଲେ କୌଣସି ବିପଦ ସମ୍ଭାବନା ନଥିବା କୁହାଯାଇଛି। ବାଂଲାଦେଶର କ୍ରୀଡ଼ା ମନ୍ତ୍ରଣାଳୟର ପରାମର୍ଶଦାତା ଆସିଫ ନରଜୁଲଙ୍କ ଏହି ଦାବିର ବି ଖଣ୍ଡନ ହୋଇଛି। ସେ କହିଥିଲେ ମୁସ୍ତାଫିଜୁର ରେହମାନକୁ ଦଳରେ ସାମିଲ କଲେ ବିପଦ ଆହୁରି ବଢିବ। ବାଂଲାଦେଶ ଭାରତରେ ୪ଟି ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବାରୁ କାର୍ଯ୍ୟକ୍ରମ ରହିଛି। ସୂତ୍ର ଅନୁସାରେ ଆକଳନରେ ବାଂଲାଦେଶ ପାଇଁ ଭାରତର କୌଣସି ସ୍ଥାନରେ କିଛି ବିପଦ ନାହିଁ।

ଏହା ପୂର୍ବରୁ ଢାକାରେ ନଜରୁଲ ସାର୍ବଜନୀନ ବୟାନ ଦେଇଥିଲେ କି, ଆଇସିସି ରିପୋର୍ଟରେ ମୁସ୍ତାଫିଜୁରଙ୍କ ପାଇଁ ବିପଦ ଥିବା ଦର୍ଶାଯାଇଥିଲା। ଯେଉଁଥିରେ ଭାରତୀୟ କ୍ରିକେଟ ବୋର୍ଡ ନିର୍ଦ୍ଦେଶରେ ଆଇପିଏଲରୁ ରେହେମାନଙ୍କୁ ହଟାଇଥିଲା କୋଲକାତା। ଏହା ପରେ ବିସିବି ତା'ର ଦଳକୁ ଭାରତ ନପଠାଇବାକୁ ଧମକ ଦେଇଥିଲା। ଖାଲି ସେତିକି ନୁହେଁ ଦେଶରେ ଆଇପିଏଲ ପ୍ରସାରଣ ମଧ୍ୟ ବ୍ୟାନ୍ କରାଯାଇଛି। ଆଇସିସି ସୂଚନା ଅନୁସାରେ ବର୍ତ୍ତମାନର କାର୍ଯ୍ୟସୂଚୀ ପରିବର୍ତ୍ତନ କରିବା ସମ୍ଭାବନା କମ୍। ବିସିସିଆଇ ଏବଂ ସୁରକ୍ଷା ବ୍ୟବସ୍ଥା ଉପରେ ଆଇସିସିର ପୂର୍ଣ୍ଣ ଭରସା ଅଛି। ଯାହାର ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟ ଗୁଡ଼ିକୁ ସୁରକ୍ଷିତ ଭାବେ ଆୟୋଜନ କରିବାର ରେକର୍ଡ ରହିଛି।

## ଟି୨୦ ବିଶ୍ୱକପ୍ ପୂର୍ବରୁ ସନ୍ୟାସ ଘୋଷଣା କଲେ ଅଧିନାୟକ ଆଲିସା ହିଲି

**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆ ଅଧିନାୟକ ଆଲିସା ହିଲି ମଙ୍ଗଳବାର ତାଙ୍କର ଅବସର ଘୋଷଣା କରିଛନ୍ତି। ଭାରତ ବିପକ୍ଷରେ ଆଗାମୀ ବହୁ-ଫର୍ମାଟ ସିରିଜ୍ ପରେ ହିଲି ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ ବୋଲି ଘୋଷଣା କରିଛନ୍ତି। ୩୫ ବର୍ଷୀୟା ଖେଳାଳି ପ୍ରାୟ ୩୦୦ ମ୍ୟାଚ୍ ଖେଳିବା ଏବଂ ଖେଳର ତିନୋଟି ଫର୍ମାଟରେ ୭,୦୦୦ରୁ ଅଧିକ ରନ କରିବା ପରେ ତାଙ୍କର ୧୬ ବର୍ଷର କ୍ୟାରିୟର ଶେଷ କରିବେ। ୨୦୨୬ ଆଇସିସି ମହିଳା ଟି-୨୦ ବିଶ୍ୱକପ ପୂର୍ବରୁ ଅଷ୍ଟ୍ରେଲିଆକୁ ଏବେ ଜଣେ ନୂତନ ଅଧିନାୟକ ଖୋଜିବାକୁ ପଡ଼ିବ। ଜୁନ-ଜୁଲାଇରେ ଖେଳା ଯିବାକୁ ଥିବା ୨୦୨୬ ମହିଳା ଟି-୨୦ ବିଶ୍ୱକପ ପୂର୍ବରୁ ଅଷ୍ଟ୍ରେଲିଆ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଅଭିଜ୍ଞ ଅଷ୍ଟ୍ରେଲୀୟ ଅଧିନାୟିକା ଆଲିସା ହିଲି ତାଙ୍କର ଅବସର ଘୋଷଣା କରିଛନ୍ତି। ସେ ଭାରତ ବିପକ୍ଷ ବହୁ-ଫର୍ମାଟ ସିରିଜ ପରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ। ୩୫ ବର୍ଷୀୟା ଏହି ଖେଳାଳି ୨୦୨୩ରେ ମେଗ ଲାନିଙ୍ଗ ପରେ ଦଳର ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ଅଷ୍ଟ୍ରେଲିଆକୁ ଅନେକ ବଡ଼ ବିଜୟ ହାସଲ କରାଇ ଥିଲେ। ଆଲିସା ହିଲି ଅଷ୍ଟ୍ରେଲିଆର ଆଠଟି ଆଇସିସି ବିଶ୍ୱକପ ଟାଇଟଲର ଅଂଶ ହୋଇଛନ୍ତି ଏବଂ ବିଶ୍ୱକପ ଫାଇନାଲରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ଏବଂ ଟି-୨୦ ଅନ୍ତର୍ଜାତୀୟରେ ଜଣେ ୱିକେଟକିପରଙ୍କ ଦ୍ୱାରା ସର୍ବାଧିକ ଡିସମିସାଲ ସମେତ ଅନେକ ରେକର୍ଡ କରିଛନ୍ତି। ହିଲି ୨୦୧୯ରେ ବେଲିଣ୍ଡା କ୍ଲାର୍କ ପୁରସ୍କାର ମଧ୍ୟ ପାଇ ଥିଲେ ଏବଂ ଦୁଇଥର ଆଇସିସି ମହିଳା ଟି-୨୦ଆଇ ବର୍ଷର ଶ୍ରେଷ୍ଠ କ୍ରିକେଟର ଭାବରେ ସମ୍ମାନିତ ହୋଇ ଥିଲେ। ସେ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଷ୍ଟ୍ରେଲିଆର ସ୍ୱର୍ଣ୍ଣ ପଦକ ବିଜୟୀ ଦଳର ମଧ୍ୟ ଅଂଶ ଥିଲେ। କ୍ରିକେଟ ଅଷ୍ଟ୍ରେଲିଆର ଏକ ଆନୁଷ୍ଠାନିକ ରିଲିଜରେ ଆଲିସା ହିଲି କହିଛନ୍ତି, 'ମିଶ୍ରିତ ଭାବନା ସହିତ, ଭାରତ ବିପକ୍ଷରେ ଆଗାମୀ ସିରିଜ ଅଷ୍ଟ୍ରେଲିଆ ପାଇଁ ମୋର ଶେଷ ହେବ।

Government of Odisha
E-Mail: eerwdivisiondhenkanal@yahoo.co.in
O-2012
Office of the Superintending Engineer,
Rural Works Division, Dhenkanal.
e-procurement Notice No. 19 / Road & Building Works / 2025-26,

1. Name of the work : Road Works
2. Total No. of Works : 06 Nos
3. Estimated Cost : Rs. 17.79 to 26.27 lakh (approx.)
4. Class Contractor : "D" & "C" Class
5. Period of Completion : 01 (One) Months
6. EMD Required : As mentioned in the Annexure at Column-04
7. online for bidding : 15.01.2026 at 11.30 A.M to 27.01.2026 upto 2.00 P.M
8. Last Date & Time of seeking tender clarification : 22.01.2026 upto 4.00 PM
9. Date & Time of opening of tender : 27.01.2026 at 5.00 PM

Other Details can be seen from the website http://tendersorissa.gov.in

Sd/- Superintending Engineer
R.W. Division, Dhenkanal

Phone-0680-2404096
E-Mail: eerwgmt@yahoo.co.in
OFFICE OF THE SUPERINTENDING ENGINEER
RURAL WORKS DIVISION-II, GANJAM, BERHAMPUR
Government of Odisha e-Procurement Notice
Bid Identification No. Online Tender/24/SERWD-II/2025-26
O-2010
Memo No. 163 / RWD-IIGB, Date: 06.01.2026

| | | | |
|---|---|---|---|
| 1 | Name of the Work | :: | Road Works |
| 2 | Estimated Cost | :: | Rs.5.04 to 37.82Lakhs |
| 3 | Period of Completion | :: | 1 (One) Months as per Annexure |
| 4 | Date & Time of availability of Bid documents in the Portal | :: | 15.01.2026 at 10.00 AM to 22.01.2026 upto 5.00 P.M |
| 5 | Last Date/ Time for receipt of Bids in the Portal | :: | 22.01.2026 up to 5.00 P.M |
| 6 | Name and address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app

Sd/- Executive Engineer
R.W. Division-II, Ganjam, Berhampur

OFFICE OF THE SUPERINTENDING ENGINEER,
GANJAM (R&B) DIVISION NO-II, BERHAMPUR
GOVERNMENT OF ODISHA Quotation Notices
Short Auction sale Notice No. 05 of 2025-26
Phone No.;/Fax No.: 0680-2233996
E-mail : sernb2.ganjam@gmail.com
B-945
Ltr. No.160/ Dated.06.01.2025

1. Name of the work : Demolition of existing old building inside premises of Old Collectorate building for the proposed New Collectorate building at Chatrapur.
2. Reserve Price : i) Rs.37,60,557.00 (Excluding GST)
3. EMD to be deposited (In shape as N.S.C / Post Office savings bank account / Post office time deposit account / Kisan Viskas Patra / Bank Guarantee) : i) Rs.9,40,200.00
4. Period of Completion : 1 (One) Calendar Month
5. Receipt of Quotation : 15.01.2026 to 27.01.2026 upto 5.00 pm
6. Date & Time of Opening of Quotation. : 28.01.2026 at 11.30 A.M
7. Name and address of the Officer inviting Quotation : Superintending Engineer, Ganjam (R&B) Division No-II, Berhampur.
8. Submission of Quotation : The quotation should submit in sealed cover by personal delivery in the box placed for the purpose in the office of the undersigned / Registered Post / Speed Post during working hours
9. Any other information can be heard during working office hours.

Sd/- Superintending Engineer
Ganjam (R&B) Division No-II

ପୌର ପରିଷଦ କାର୍ଯ୍ୟାଳୟ : ଭବାନୀପାଟଣା
C-2077
OFFICE OF THE MUNICIPAL COUNCIL: BHAWANIPATNA
At/Po- BhawanipatnaDist.-Kalahandi,Pin-766001OdIshaPhoneNo-(06670)230424Mail-eobptm@yahoo.com
Letter No. 108 / BPM Dt. 13.01.32026

CORRIGENDUM

In continuation to the Quotation Call Notice No. 4154/BPM, dated 29.12.2025 and Corrigendum Letter No. 29, dated 06.01.2026, it is hereby informed to all concerned that the last date of submission of quotation/tender papers, i.e., 11.01.2026, has already been closed. However, the opening of the quotation papers, which was earlier scheduled on 13.01.2026 at 11:30 AM, is hereby rescheduled due to unavoidable circumstances, as detailed below, and Other terms & conditions are remain unchanged.

| Description | As per Previous Published in Tender paper | Now Changed |
|---|---|---|
| Opening of Quotation Paper | 13/01/2026,11.30 AM | 20/01/2026,11.30 AM |

Sd/- Executive Officer
Bhawanipatna Municipality

## ପ୍ରଜ୍ଞାପନ ମେଢ଼ରେ ପ୍ରଦର୍ଶିତ ହେବ ସରକାରୀ ଯୋଜନାର ସଫଳତା

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ସଦର ମହକୁମାଠାରେ ୭୭ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ମହାସମାରୋହରେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।




ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀ ଅରୁଣ କୁମାର ପାଣ୍ଡେ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ଉଦ୍ୟାନ କୃଷି ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ବରଗଡ଼ ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ସାହୁ ଏବଂ ଆର୍‌ଆଇ ରିଜର୍ଭ ପୋଲିସ ଶ୍ରୀ ପଧାନୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ଉତ୍ସବ ପାଳନ କମିଟିର ସମସ୍ତ ସଦସ୍ୟା ତଥା ଶିକ୍ଷାନୁଷ୍ଠାନର ଶିକ୍ଷକଶିକ୍ଷୟିତ୍ରୀ, ବିଭିନ୍ନ ଅନୁଷ୍ଠାନ, କ୍ଲବ, ନାଗରିକ କମିଟିର ସଦସ୍ୟ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟର ଅଧିକାରୀମାନେ ଯୋଗ ଦେଇ ଆଲୋଚନାରେ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ।

ସୂଚନାଯୋଗ୍ୟକୀ, ଏବର୍ଷ ପ୍ରଥମ ଥର କରି ଗାନ୍ଧୀଛକ ଠାରୁ ବାନ୍ଧୁଟିକ୍ରା ଛକ ପର୍ଯ୍ୟନ୍ତ ରାଜରାସ୍ତାରେ ପେରେଡ୍ କାର୍ଯ୍ୟକ୍ରମ ଆୟୋଜିତ ହେବ ଏବଂ ସମସ୍ତ ବ୍ଲକ ତଥା ପୌର ସଂସ୍ଥା ନିଜ ପ୍ରଜ୍ଞାପନ ମେଢ଼ ସାହାଯ୍ୟରେ ତୃଣମୂଳ ସ୍ତରରେ ବିଭିନ୍ନ ସରକାରୀ ଯୋଜନାର ସଫଳତାକୁ ପ୍ରଦର୍ଶିତ କରିବେ। ପୂର୍ବ ବର୍ଷ ଭଳି ସମସ୍ତ କାର୍ଯ୍ୟକ୍ରମ ଯଥା-ରାମଧୂନ ପରିବେଷଣ ଠାରୁ ଆରମ୍ଭ କରି ସମସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକର ଛାତ୍ର ଛାତ୍ରୀମାନଙ୍କୁ ନେଇ ବକ୍ତୃତା, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜନ, କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ଏବଂ ସହରରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଗୁଡ଼ିକରେ ମାଲ୍ୟାର୍ପଣ କରାଯିବ। ଏଥି ସହିତ କ୍ରୀଡ଼ା, ସାହିତ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁଁ ଜିଲ୍ଲାକୁ ଗୌରବାନ୍ୱିତ କରିଥିବା ବ୍ୟକ୍ତିବିଶେଷଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉତ୍ସବରେ ସମ୍ମାନିତ କରାଯିବ।

ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲୁହା ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିବା ସହ ସମାରୋହର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଖୋସ୍ଲା ସମସ୍ତ କାର୍ଯ୍ୟକ୍ରମର ବିସ୍ତୃତ ଆଲୋଚନା ପାଇଁ ସବିଶେଷ ତଥ୍ୟ ଉପସ୍ଥାପନ ସହ ସଭା ପରିଚାଳନା କରିଥିଲେ। ସଭା ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷିର ବିକାଶରେ ପାଣି ପଞ୍ଚାୟତର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଜଳସମ୍ପଦ ବିଭାଗ ପକ୍ଷରୁ ଯାଜପୁର ବ୍ୟାସନଗର ସ୍ଥିତ ଟାଉନ ହଲଠାରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୬ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯାଜପୁର ସାଂସଦ ଡ଼ା. ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀ ପ୍ରଭା ଜେନା, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଣବ କୁମାର ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତପନ ମହାପାତ୍ର, ଯାଜପୁର ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ଜାରକା ଅଧିକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାସ ଯୋଗ ଦେଇଥିଲେ। ସାଂସଦ ଡ଼ା. ବେହେରା କହିଥିଲେ ଯେ କୃଷିର ବିକାଶରେ ପାଣି ପଞ୍ଚାୟତର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ମଧ୍ୟ ନଦୀ ସଂଯୋଗୀକରଣ ଉପରେ ଯୋଜନା କରିଥିଲେ। ଯାଜପୁରର ନଦୀଗୁଡ଼ିକରେ ବ୍ୟାରେଜ ନିର୍ମାଣ ସହ ଜାତୀୟ ଜଳପଥ-୫ କୁ ସଂଯୋଗ କରିବା ପାଇଁ ସରକାର ଯୋଜନା କରୁଛନ୍ତି ଏବଂ ଏହା ଆଗାମୀ ଦିନରେ କାର୍ଯ୍ୟକାରୀ ହେବ। ଏହାସହ ବ୍ରିଟିଶ ଅମଳର କେନାଲ ଗୁଡ଼ିକୁ ପୁନରୁଦ୍ଧାର କରି ଜଳସେଚନ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରାଯିବ ବୋଲି ସାଂସଦ କହିଥିଲେ। ଆଣ୍ଡାମାନ ନିକୋବାର ରେ ଜଳର ସୁପରିଚାଳନାର ଉଦାହରଣ ଦେଇ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଉପରେ ସାଂସଦ ଡ଼ା. ବେହେରା ଗୁରୁତ୍ୱ ଦେଇଥିଲେ। କୋରେଇ ବିଧାୟକ ଆକାଶ ଦାସ ନାୟକ ପାଣି ପଞ୍ଚାୟତର ଆବଶ୍ୟକତା ସମ୍ପର୍କରେ ବୁଝାଇବା ସହ ରେଙ୍ଗାଲି କେନାଲ କାର୍ଯ୍ୟକାରୀ ହେବା ପରେ କୋରେଇର ଏକ ବୃହତ ଅଞ୍ଚଳ ଲାଭବାନ ହେବ ବୋଲି କହିଥିଲେ। ଏହାସହ ଆଗକୁ ପ୍ରାୟ ୩୦୦ କୋଟି ଟଙ୍କାର ଟେଣ୍ଡର ହେବା ପାଇଁ ଯାଉଛି, ଯାହା ଦ୍ୱାରା କୋରେଇ ଏବଂ ଘସିପୁରା ଅଞ୍ଚଳବାସୀ ଜଳସେଚନ ସୁବିଧା ପାଇବେ। ବାର ମାସ ଅର୍ଥକାରୀ ଫସଲ ଉତ୍ପାଦନ କରି ଚାଷୀ ମାନେ କିଭଳି ଜଣେ ବ୍ୟବସାୟୀ ଏବଂ କୃଷି ଉଦ୍ୟୋଗୀ ହୋଇପାରିବେ, ସେ ଉପରେ ବିଧାୟକ ଗୁରୁତ୍ୱ ଦେବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଣି ପଞ୍ଚାୟତର ସଚେତନତା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ଜଳ, ମୃତ୍ତିକା ଭଳି ପ୍ରାକୃତିକ ସମ୍ପଦର ସଂରକ୍ଷଣ ଓ ସୁପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପାଣିର ଅଭାବକୁ ଦୂର କରି ସଠିକ୍ ବିନିଯୋଗ କରିବା ପାଇଁ ଜିଲ୍ଲାରେ ପାଣି ପଞ୍ଚାୟତମାନ ଗଠନ କରାଯାଇଛି ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀ ପ୍ରଭା ଜେନା ପାଣି ପଞ୍ଚାୟତ ଦ୍ୱାରା କିଭଳି କୃଷିର ବିକାଶ ହେଉଅଛି, ସେ ସମ୍ପର୍କରେ ବୁଝାଇଥିଲେ। ବରିଷ୍ଠ କୃଷି ବୈଜ୍ଞାନିକ ସୁନିଲ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ସୁଧାଂଶୁ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ବିପିନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଟାଉନ୍ ହଲ୍ ପରିସରରେ ମତ୍ସ୍ୟ ସମ୍ପଦ, ଆଗ୍ରୋ ଇଣ୍ଡଷ୍ଟ୍ରିଜ, କୃଷି ବିଭାଗ, ଉଦ୍ୟାନ ବିଭାଗ, ଉଠା ଜଳସେଚନ ବିଭାଗ, ବୃହତ୍ ଉଠା ଜଳସେଚନ ସମ୍ବନ୍ଧୀୟ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପାଣି ପଞ୍ଚାୟତ ପକ୍ଷ ପାଳନରେ ଜିଲ୍ଲାର ବିଭିନ୍ନ ପାଣି ପଞ୍ଚାୟତର ସଭାପତି, ସଦସ୍ୟ, ଚାଷୀ ଭାଇ ଭଉଣୀ ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଶେଷରେ ପାଣି ପଞ୍ଚାୟତ ସମ୍ପାଦକ ନଳିନୀକାନ୍ତ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କେନ୍ଦୁଝରରେ ୧୯୦୦ କୋଟିରେ...

ସମାଧାନ କରିବା ପାଇଁ ଆମ ସରକାର ତୁରନ୍ତ ଉତ୍ତର ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ଏକ ଟାସ୍କ ଫୋର୍ସ ଗଠନ କରିଥିଲେ। ରିପୋର୍ଟ ଆସିଲା ପରେ ଏହି ଦୁଇ ବିକାଶ ପରିଷଦ ସଂପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ।

କେନ୍ଦୁଝରକୁ ଆସିବା ପୂର୍ବରୁ ରାଜ୍ୟର ସବୁ ୩୦ ଗୋଟି ଜିଲ୍ଲା ପାଇଁ ୧୧୦ ଟି ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସେହିପରି ଦୁଇ ଦିନ ତଳେ ସମ୍ବଲପୁରରେ ୯୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ତା'ର ଠିକ୍ କିଛି ଦିନ ପୂର୍ବରୁ ପବିତ୍ର ଧନୁଯାତ୍ରା ଅବସରରେ ବରଗଡ଼ ଜିଲ୍ଲା ପାଇଁ ପ୍ରାୟ ୯୮୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଲୋକାର୍ପଣ କରାଯାଇଥିଲା। ସରକାରଙ୍କ ଏହି ବିକାଶ ମୂଳକ କାର୍ଯ୍ୟ କେବଳ ଗୋଟିଏ ଜିଲ୍ଲା କି ଗୋଟିଏ ଅଞ୍ଚଳ ମଧ୍ୟରେ ସୀମାବଦ୍ଧ ନୁହେଁ। ବର୍ଷ ତମାମ, ପ୍ରତ୍ୟେକ ଜିଲ୍ଲା ପାଇଁ ଆଖିଦୃଶିଆ ବିକାଶ ମୂଳକ ପ୍ରକଳ୍ପ, ଯୋଜନା ଏବଂ ଭିତ୍ତିଭୂମି କରାଯାଉଛି ବୋଲି ସେ କହିଥିଲେ।

ସେ ପୁଣି କହିଥିଲେ, ମୋର ଗୋଟିଏ ଲକ୍ଷ୍ୟ- ମୁଁ ମୋ ସ୍ୱପ୍ନର ସୁନାର ଓଡ଼ିଶା ତିଆରି କରିବି। ଯେପର୍ଯ୍ୟନ୍ତ ମୋ ଶରୀରରେ ରକ୍ତ ପ୍ରବାହିତ ହେଉଥିବ, ସେପର୍ଯ୍ୟନ୍ତ ଲୋକ ହିତରେ ପ୍ରତ୍ୟେକ କାମ କରିବି। ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ହିଁ ବିକଶିତ ଓଡ଼ିଶାର ସ୍ୱପ୍ନ ସମ୍ଭବ ହୋଇପାରିବ। ଓଡ଼ିଶାର ସାଧାରଣ ଲୋକଙ୍କ ଜୀବନ ଧାରଣର ମାନରେ ଗୁଣାତ୍ମକ ପରିବର୍ତ୍ତନ ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍।

ମୁଖ୍ୟମନ୍ତ୍ରୀ କହିଥିଲେ, ଆମ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଲକ୍ଷ୍ୟ ରଖିଛନ୍ତି ଯାହାର ମୂଳଦୁଆ ହେବ ରାଜ୍ୟର ତିରିଶ ଗୋଟି ଜିଲ୍ଲା। ଗୋଟିଏ ବି ଜିଲ୍ଲା ଦୁର୍ବଳ ହେଲେ ବିକଶିତ ଓଡ଼ିଶାର ସ୍ୱପ୍ନ ଅଧୁରା ରହିଯିବ। ତେଣୁ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳ ହେବ ବିକଶିତ। ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ହେବ ଶିଳ୍ପାୟନ।

୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରିକଳ୍ପିତ ବିକଶିତ ଭାରତ ଗଠନ କରିବା ପାଇଁ ଓଡ଼ିଶାର ପ୍ରତ୍ୟେକ ନାଗରିକଙ୍କ ବିକାଶ ହେବା ଅତ୍ୟନ୍ତ ଜରୁରୀ। ଏହାକୁ ଦୃଷ୍ଟିରେ ରଖି ଆମ ସରକାର ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ କାର୍ଯ୍ୟରତ ବୋଲି ସେ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କାର୍ଡ଼ ଅଫ କେନ୍ଦୁଝର ନାମକ ଏକ କଫି ଟେବୁଲ ବୁକ ଉନ୍ମୋଚନ କରିବା ସହିତ, ବିଭିନ୍ନ ଏସଏଚଜି ଗ୍ରୁପର ମହିଳା ହିତାଧିକାରୀଙ୍କୁ ସହାୟତା ରାଶି ଚେକ୍ ବଣ୍ଟନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅନନ୍ତ ଚରଣ ନାୟକ, ବିଧାୟକ ସନାତନ ମହାକୁଡ଼, ବିଧାୟକ ଡାକ୍ତର ଫକୀର ଚରଣ ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଜିଲ୍ଲାପାଳ ବିଶାଳ ସିଂ, ଡିଆଇଜି ବ୍ରିଜେଶ ରାୟ, ଏସପି ନିତିନ କୁଶଲକର, ଡିଏଫଓ ଏଚଡି ଧନରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ରିସ୍କ ନେବାକୁ ନ ଡରିବା...

କାହାଣୀ ରହିଛି। ଏବେ ପ୍ରଶ୍ନ ଉଠୁଛି ଯେ ଏହି କାହାଣୀଗୁଡ଼ିକୁ ଗେମିଂ ଦୁନିଆ ପର୍ଯ୍ୟନ୍ତ ନିଆଯାଇ ପାରିବ କି? ମୋଦୀ କହିଛନ୍ତି, ସମଗ୍ର ବିଶ୍ୱରେ ଗେମିଂ ବହୁତ ବଡ଼ ବଜାରରେ ପରିଣତ ହୋଇଛି। ଯଦି ଆମେ ନିଜ ପୌରାଣିକ କଥା ଉପରେ ଆଧାରିତ ଗେମ୍ ପ୍ରସ୍ତୁତ କରନ୍ତି, ତେବେ ଗେମିଂ ଦୁନିଆରେ ନୂଆ ତଥା ବଡ଼ ସୁଯୋଗ ସୃଷ୍ଟି ହୋଇପାରେ। ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ। ସ୍ୱାମୀ ବିବେକାନନ୍ଦଙ୍କ ବିଚାର ଆଜି ମଧ୍ୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ସାଜିଛି। ଆମ ଜୀବନର ଲକ୍ଷ୍ୟ କ'ଣ, କେମିତି ଆମେ ରାଷ୍ଟ୍ର-ପ୍ରଥମ ଭାବନା ସହ ବଞ୍ଚିବା, କିଭଳି ଆମର ପ୍ରତ୍ୟେକ ଉଦ୍ୟମରେ ସମାଜ ତଥା ଦେଶର ହିତ ହେବ, ସେସବୁ ଆମେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନରୁ ଶିଖିବାକୁ ପାଇଥାଉ। ତାଙ୍କ ସ୍ମରଣରେ ଆମେ ପ୍ରତିବର୍ଷ ଜାନୁଆରୀ ୧୨କୁ ରାଷ୍ଟ୍ରୀୟ ଯୁବ ଦିବସ ଭାବେ ପାଳନ କରୁଛୁ। ଏହି ପ୍ରେରଣାରୁ ଜାନୁଆରୀ ୧୨କୁ ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍ ପାଇଁ ଚୟନ କରାଯାଇଛି। ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ ହେବ। ସେପର୍ଯ୍ୟନ୍ତ ପହଞ୍ଚିବାର ଯାତ୍ରା ଭାରତ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟ ଯୁବପିଢ଼ିଙ୍କ ଜୀବନ ପାଇଁ ମଧ୍ୟ ସ୍ୱତନ୍ତ୍ର। ସେମାନଙ୍କ ଶକ୍ତି ଓ ପରିଶ୍ରମରୁ ଭାରତ ମଜଭୁତ ହେବ। ସେମାନଙ୍କ ସଫଳତାରୁ ଦେଶକୁ ଆଗକୁ ବଢ଼ିବାର ନୂଆ ଦିଗ ଓ ଉଚ୍ଚତା ମିଳିବ। ଉଲ୍ଲେଖଯୋଗ୍ୟ, ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗର ଏହା ଦ୍ୱିତୀୟ ସଂସ୍କରଣ। ଏହା ଏକ ରାଷ୍ଟ୍ରୀୟ ମଞ୍ଚ। ଯୁବପିଢ଼ିଙ୍କୁ ସିଧାସଳଖ ଭାବେ ରାଷ୍ଟ୍ରୀୟ ନେତୃତ୍ୱଙ୍କ ସହ ଯୋଡ଼ିବା ଏହାର ଉଦ୍ଦେଶ୍ୟ। ଯାହା ଦ୍ୱାରା ସେମାନେ ନିଜ ବିଚାର ଏବଂ ସମାଧାନ ସାମ୍ନାରେ ରଖିପାରିବେ।

## ଶତ୍ରୁକୁ ଚେତାବନୀ...

ଅପରେସନ୍ ସିନ୍ଦୂର ବିଷୟରେ କହିଛନ୍ତି। ଭାରତ-ଚୀନ୍ ସୀମାରେ ପରିସ୍ଥିତି ବର୍ତ୍ତମାନ ସ୍ଥିର ଅଛି ତଥାପି 'ଅପରେସନ୍ ସିନ୍ଦୂର' ଏବେ ବି ଜାରି ରହିଛି। ପଶ୍ଚିମ ଫ୍ରଣ୍ଟ ଏବଂ ଜମ୍ମୁ ଏବଂ କଶ୍ମୀରରେ ମେ' ୧୦ ତାରିଖରୁ ପରିସ୍ଥିତି ସମ୍ବେଦନଶୀଳ ରହିଛି, କିନ୍ତୁ ନିୟନ୍ତ୍ରଣରେ ଅଛି। ସେନା ୨୦୨୫ ମସିହାରେ ୩୧ ଜଣ ଆତଙ୍କବାଦୀଙ୍କୁ ନିପାତ କରିଛି। ଅପରେସନ୍ ସିନ୍ଦୂର ସମୟରେ ଯଦି ପାକିସ୍ତାନ ଗୋଟିଏ ଭୁଲ କରିଥାନ୍ତା ତେବେ ଗ୍ରାଉଣ୍ଡ ବା ସ୍ଥଳଭାଗରେ ଆକ୍ରମଣ ପାଇଁ ସେନା ପ୍ରସ୍ତୁତ ଥିଲା। ସୀମାରେ ଆଲର୍ଟ ମୋଡ୍‌ରେ ଥିଲା ଆର୍ମି।'' ସ୍ଥଳସେନା ମୁଖ୍ୟ ଆହୁରି କହିଛନ୍ତି, 'ମୁଁ କହିବାକୁ ଚାହୁଁଛି ଯେ ଆମେ ଅପରେସନ ସିନ୍ଦୂରରୁ ବହୁତ ଶିକ୍ଷା ପାଇଛୁ। କିନ୍ତୁ ଆମେ ତା' ପୂର୍ବରୁ ମଧ୍ୟ ବହୁତ ପ୍ରସ୍ତୁତି କରିସାରିଥିଲୁ। ଆମେ ଶିଖିଲୁ ଯେ ତୁମେ ଯାହା ବି ଖବର ଦିଅ, ତାହାର ବିଶ୍ୱସନୀୟତା ରହିବା ଆବଶ୍ୟକ। କାରଣ ଦୀର୍ଘକାଳୀନ ଭାବରେ, ବିଶ୍ୱସନୀୟତା ରହିବା ବହୁତ ଗୁରୁତ୍ୱପୂର୍ଣ୍ଣ। ତୁମେ ଯାହା ବି ଖବର ଦିଅ, ସେଥିରେ ସ୍ଥିରତା ରହିବା ଉଚିତ୍। ତୃତୀୟ କଥା ହେଉଛି ଯେ କୌଣସି କାହାଣୀ ପରିଚାଳନା କ୍ଷେତ୍ର କିମ୍ବା ଜ୍ଞାନାତ୍ମକ କ୍ଷେତ୍ରରେ କୌଣସି ଶୂନ୍ୟତା ରହିବା ଉଚିତ୍ ନୁହେଁ। ଯଦି କୌଣସି ଶୂନ୍ୟତା ଥାଏ, ତେବେ ନକାରାତ୍ମକ ଖବର ବହୁତ ଦ୍ରୁତ ଗତିରେ ବ୍ୟାପିଥାଏ। ଚତୁର୍ଥ କଥା ହେଉଛି ତୁମେ ନକାରାତ୍ମକ ଖବରକୁ କେତେ ଗୁରୁତ୍ୱ ଦେଉଛ। ମୁଁ କହିବାକୁ ଚାହୁଁଛି ଯେ, ଏପ୍ରିଲ ୨୨ ତାରିଖରୁ, ୱେଷ୍ଟନ ଫ୍ରଣ୍ଟ ଆଡ଼କୁ ମୁହାଁଇଥିବା ସମସ୍ତ ଭାରତୀୟ ସେନାର ଟ୍ୱିଟର ହ୍ୟାଣ୍ଡେଲଗୁଡ଼ିକୁ ବନ୍ଦ କରିଦିଆଯାଇଥିଲା ଯାହା ଦ୍ୱାରା କେହି କହିପାରିବେ ନାହିଁ ଯେ ପଶ୍ଚିମ କମାଣ୍ଡ ଏହା କହିଛନ୍ତି ଏବଂ ଯେତେବେଳେ ଆମେ ପଶ୍ଚିମ କମାଣ୍ଡ ସହିତ ଯାଞ୍ଚ କରୁ, ସେହି ଖବର ବ୍ୟାପି ସାରିଥାଏ। ସତ୍ୟର ଏକମାତ୍ର ଉତ୍ସ ଥିଲା ଏଡିଜି ଷ୍ଟାରକମ। ସେଥିପାଇଁ ଆମର ବିଶ୍ୱସନୀୟତା ବହୁତ ଉଚ୍ଚ ଥିଲା।' ଏହା ସହିତ କଶ୍ମୀରରେ ଏକାଧିକ ଡ୍ରୋନ୍ ଆଟାକ୍‌କୁ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ସ୍ଥଳସେନା ମୁଖ୍ୟ। ଡ୍ରୋନ୍ ଆକ୍ରମଣକୁ ସହ୍ୟ କରାଯିବନି। ଭାରତ-ପାକିସ୍ତାନ ମଧ୍ୟରେ ଡିଜିଏମଓ ସ୍ତରୀୟ କଥାବାର୍ତ୍ତା ହୋଇଛି ବୋଲି କହିଛନ୍ତି ସ୍ଥଳସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ।

## ଭଙ୍ଗାଯିବ ନଅ ତାଲା...

ପରିଷଦ ଗୃହ ଭାବେ ମଧ୍ୟ ବ୍ୟବହାର କରିହେବ। ଏହାସହ ନୂଆକରି ତିଆରି ହେବାକୁ ଥିବା ବିଧାନସଭାରେ ୩୦୦ ସଦସ୍ୟ ବସିପାରିବେ। ଲୋକସେବା ଭବନ ଏବଂ ବିଧାନସଭା ମଝିରେ ଥିବା ଖାଲି ସ୍ଥାନରେ ଏହି ନୂଆ ବିଧାନସଭା ଗଠନ ହେବ।

## ନାଟକ ଆମ ଚିନ୍ତାଧାରାକୁ...

ସାଂସ୍କୃତିକ ଐତିହ୍ୟରେ ସମୃଦ୍ଧ ଭୂମି। ଲୋକ ସଙ୍ଗୀତ ଏବଂ ନୃତ୍ୟଠାରୁ କାହାଣୀ କହିବା ଏବଂ ରୀତିନୀତି ପର୍ଯ୍ୟନ୍ତ, ଏହି ଜିଲ୍ଲା ଏକ ଗଭୀର ସାଂସ୍କୃତିକ ଐତିହ୍ୟ ବହନ କରେ। ଯେତେବେଳେ ଏନଏସଡ଼ି ଭଳି ଜାତୀୟ ପ୍ରତିଷ୍ଠାନ କେନ୍ଦୁଝର ଭଳି ଜିଲ୍ଲାକୁ ଆସନ୍ତି, ସେମାନେ ପାରମ୍ପରିକ ଏବଂ ଆଧୁନିକ କଳା ମଧ୍ୟରେ ସେତୁ ସ୍ଥାପନ କରିବାରେ ସାହାଯ୍ୟ କରନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କଳାକୁ ଏବଂ କଳାକାରକୁ ଉଚିତ ସମ୍ମାନ ଦେଖାଇ ଆମ ସରକାର କଳାକାରମାନଙ୍କ ଭତ୍ତା ବୃଦ୍ଧି କରିଛନ୍ତି। କଳା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ଯୁବ ପ୍ରତିଭାକୁ ସମର୍ଥନ କରିବା, ପାରମ୍ପରିକ ରୂପ ସଂରକ୍ଷଣ କରିବା ଏବଂ ସୃଜନଶୀଳ ପ୍ରକାଶନ ପାଇଁ ନୂତନ ପ୍ଲାଟଫର୍ମ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାର ପ୍ରତିଶୃତିବଦ୍ଧ। ଆମେ ଚାହୁଁଛୁ ଯେ ଆମର ଯୁବପିଢ଼ି ବଡ଼ ସ୍ୱପ୍ନ ଦେଖୁ, କିନ୍ତୁ ସେମାନଙ୍କର ମୂଳ ସହିତ ଜଡ଼ିତ ରୁହନ୍ତୁ ବୋଲି ସେ କହିଥିଲେ।

ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁବେଳେ କହି ଆସୁଛନ୍ତି, 'ବିକାଶ ଭି, ବିରାଶତ ଭି'। ଆମ ସରକାର ଏହି ମାନତାରେ ଉଦ୍‌ବୁଦ୍ଧ ହୋଇ ବିକାଶ ଏବଂ ଓଡ଼ିଶାର ସାଂସ୍କୃତିକ ପରିଚୟକୁ ପ୍ରଚାର ପ୍ରସାର କରିବା ପାଇଁ କାର୍ଯ୍ୟରତ। ଓଡ଼ିଆ ଭାଷା, ଓଡ଼ିଆ ସଂସ୍କୃତି, ଓଡ଼ିଆ ପରମ୍ପରା ଅନନ୍ୟ। ଏହାର ସୁରକ୍ଷା ସହିତ ଏହାର ପ୍ରଚାର-ପ୍ରସାର ପାଇଁ ଆମ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି।

ଓଡ଼ିଶାର କୋଣ ଅନୁକୋଣରେ ଭରିରହିଛି ଲୋକ ସଙ୍ଗୀତ, ଲୋକ କଳାର ମଧୁର ମୂର୍ଚ୍ଛନା। ଏଥି ସହିତ ଓଡ଼ିଶୀ ଏବଂ ଛଉ ପରି ଶାସ୍ତ୍ରୀୟ ନୃତ୍ୟରେ ଓଡ଼ିଶାର ଲୋକକଳା ସମୃଦ୍ଧ। ଆଦିବାସୀ ସଂସ୍କୃତି ଉତ୍କଳୀୟ ପରମ୍ପରା ସହିତ ଅଙ୍ଗାଙ୍ଗି ଭାବେ ଜଡ଼ିତ। ତେଣୁ ଜନଜାତିଙ୍କ କଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର କରିବା ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଇଛନ୍ତି ବୋଲି ସେ କହିଥିଲେ।

ସେ ଆହୁରି ମଧ୍ୟ କହିଥିଲେ, ଓଡ଼ିଶାର ଅନନ୍ୟ ଯାତ୍ରା ପରମ୍ପରା ରହିଛି। ଗଞ୍ଜାମ ଜିଲ୍ଲାର ଭାରତ ଲୀଳା ଯାହା ସୁଭଦ୍ରା ଓ ଅର୍ଜୁନଙ୍କ ବିବାହ ଉପରେ ଆଧାରିତ ହୋଇଛି। ଆଉ ଏକ ଅତ୍ୟନ୍ତ ଲୋକପ୍ରିୟ ଗଣ ନାଟ୍ୟ ହେଉଛି 'ଦଣ୍ଡ ନାଚ' ଯାହାକୁ ଅନେକ ଜାଗାରେ 'ଝାମୁ ଯାତ୍ରା' ବି କୁହାଯାଇଥାଏ। ଏହି ଯାତ୍ରାରେ ଗ୍ରାମାଞ୍ଚଳ ଓ ଜନଜାତିଙ୍କ ଜୀବନଶୈଳୀ ଓ ପରମ୍ପରା ପ୍ରଦର୍ଶିତ ହୋଇଥାଏ। ଆମ ପଡ଼ୋଶୀ ଜିଲ୍ଲା ମୟୂରଭଞ୍ଜର ବିଶ୍ୱ ପ୍ରସିଦ୍ଧ 'ଛଉ ନାଚ' ଶାସ୍ତ୍ରୀୟ ଏବଂ ମାର୍ଶାଲ ଆର୍ଟ ଫର୍ମର ଏକ ସୁନ୍ଦର ସମାହାର। ତେଣୁ ଓଡ଼ିଶାର ଏହିସବୁ ସମ୍ଭ୍ରାନ୍ତ ନାଟ୍ୟ ପରମ୍ପରା ସହିତ ଲୋକକଳା ଓ ଲୋକ ପରମ୍ପରାକୁ ସୁରକ୍ଷିତ ରଖି ତା'ର ପ୍ରଚାର-ପ୍ରସାର କରିବା ପାଇଁ ଆମେ ବଦ୍ଧ ପରିକର।

ନୃତ୍ୟ ଅନୁଷ୍ଠାନ ସ୍ୱିରଜା ଏବଂ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା ପକ୍ଷରୁ ଆୟୋଜିତ ଏହି ସମାରୋହରେ ସାଂସଦ ଅନନ୍ତ ଚରଣ ନାୟକ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ, ତେଲକୋଇ ବିଧାୟକ ଡାକ୍ତର ଫକୀରମୋହନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହିତ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ବିଶାଳ ସିଂହ, ଏନ୍‌ଏସଡ଼ିର ରେଜିଷ୍ଟ୍ରାର ପ୍ରଦୀପ ମହାନ୍ତି, ସ୍ୱୀରିଜାର ପ୍ରତିଷ୍ଠାତା ପ୍ରଗତିକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୨୦୨୬ରେ ପଦ୍ମରେ...

ଯାଇଛି, ଯାହାକି ଅଲଗା ଅଲଗା ଶବ୍ଦକୁ ଏକ ମିଳିତ ଉଦ୍ୟମ ସହ ଯୋଡ଼ିବାର ବାର୍ତ୍ତା ଦେଉଛି। ସେଭଳି ଲୋଗୋ ଭିତରେ ନମସ୍କାର ଚିହ୍ନ ରହିଛି, ଯାହାକି ସମ୍ମାନ ଓ ସହଯୋଗର ଭାବନାକୁ ଦର୍ଶାଉଛି। ଏହା ସହ ଏକ ଟ୍ୟାଗଲାଇନ୍ ମଧ୍ୟ ରହିଛି। ତାହା ହେଲା 'ସ୍ୱଚ୍ଛତା, ନବସୃଜନ, ସହଯୋଗ ଏବଂ ବିକାଶ ପାଇଁ ନିର୍ମାଣ।' ଜୟଶଙ୍କର ଏହି ସମୟରେ ବ୍ରିକ୍ସର ନୂଆ ୱେବସାଇଟ୍ ମଧ୍ୟ ଲଞ୍ଚ କରିଥିଲେ। ଏହାର ଉଦ୍ଦେଶ୍ୟ ବ୍ରିକ୍ସ ସମ୍ପର୍କିତ ସୂଚନା ପାଇଁ ଏକ କେନ୍ଦ୍ରୀୟ ମଞ୍ଚ ତିଆରି କରିବା। ଅଧିକାରୀଙ୍କ କହିବା ଅନୁସାରେ, ଏଥିରେ ବ୍ରିକ୍ସର ହସ୍ତକ୍ଷେପ, ପ୍ରୋଜେକ୍ଟ, କାର୍ଯ୍ୟକ୍ରମ ଓ ଅଫିସିଆଲ ଦସ୍ତାବିଜର ସୂଚନା ରହିବ। ଉଲ୍ଲେଖନୀୟ ଯେ, ଦୁନିଆର ୫ଟି ବଡ଼ ଅର୍ଥବ୍ୟବସ୍ଥା ବ୍ରାଜିଲ, ରୁଷ, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକା ବ୍ରିକ୍ସର ନେତୃତ୍ୱ ନେଉଛନ୍ତି। ଏହାର ସ୍ଥାପନା ୨୦୦୬ ରେ ହୋଇଥିଲା। ଗତ କିଛି ବର୍ଷରେ ଏହି ଗୋଷ୍ଠୀ ବିସ୍ତାର ହୋଇଛି। ଇଜିପ୍ଟ, ଇଥିଓପିଆ, ଇରାନ, ୟୁଏଇ ଏବଂ ଇଣ୍ଡୋନେସିଆ ମଧ୍ୟ ସମ୍ପୂର୍ଣ୍ଣ ସଦସ୍ୟ ଭାବରେ ବ୍ରିକ୍ସରେ ସାମିଲ ହୋଇଛି। ବର୍ତ୍ତମାନ ବ୍ରିକ୍ସରେ ମୋଟ ୧୧ଟି ରାଷ୍ଟ୍ର ସାମିଲ ହୋଇଛନ୍ତି। ଯାହାକି ଦୁନିଆର ପ୍ରାୟ ୪୯,୫% ଜନସଂଖ୍ୟା, ୪୦ ପ୍ରତିଶତ ଜିଡିପି ଓ ପ୍ରାୟ ୨୬% ବିଶ୍ୱ ବାଣିଜ୍ୟକୁ ପ୍ରତିନିଧିତ୍ୱ କରୁଛି। ସେଭଳି ଭାରତର ୨୦୨୬ରେ ଅଧ୍ୟକ୍ଷତାରେ ବ୍ରିକ୍ସରୁ ବିଶ୍ୱସ୍ତରରେ ସହଯୋଗ ଓ ପ୍ରଭାବ ବଢିବାର ଆଶା ରହିଛି।

---

ରାଜ୍ୟସ୍ତରୀୟ ସ୍ୱର୍ଣ୍ଣ ଓଡିଶା ସାରସ୍ୱତ ସମାରୋହ

# ଅବନୀ ଚନ୍ଦ୍ର ଦାସଙ୍କୁ କଳିଙ୍ଗ ପ୍ରଜ୍ଞା ସମ୍ମାନ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

୧୧ଶ ରାଜ୍ୟ ସ୍ତରୀୟ ସ୍ୱର୍ଣ୍ଣ ଓଡିଶା ସାରସ୍ୱତ ସମାରୋହ ତଥା ସମ୍ବର୍ଦ୍ଧନା ଉତ୍ସବ କେନ୍ଦ୍ରାପଡ଼ା ଜିଲ୍ଲା ଚାନ୍ଦୋଳ ସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟ ପରିସରରେ ପ୍ରତିଷ୍ଠାତା ସମ୍ପାଦକ ମନୋଜ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ପ୍ରଥମ ଅଧିବେଶନରେ ଅଧ୍ୟାପକ ବିରୂପାକ୍ଷ ରାୟ ଓ ପ୍ରବଚକ ଶରତ ଚନ୍ଦ୍ର ରଥ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗଦେଇ 'ଆମ ସମାଜ ଓ ସାହିତ୍ୟ' ଶୀର୍ଷକ ଆଲୋଚନା ଚକ୍ରରେ ସ୍ୱକୀୟ ମତ ବ୍ୟକ୍ତ କରିଥିଲେ। ତତ୍ ପରେ ସସ୍ମିତା ପଣ୍ଡା ଓ ସରସ୍ୱତୀ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏକ ମନୋଜ୍ଞ କବତା ପାଠ ଉତ୍ସବରେ ରାଜ୍ୟର ଶତାଧିକ କବି ଅଂଶ ଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ



ଉଦ୍ଘାଟକ ଭାବେ ଯୋଗଦେଇ ଓଡ଼ିଶା ବିଧାନ ସଭାର ପ୍ରାକ୍ତନ ସଚିବ ଦାଶରଥି ଶତପଥୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବ ଉଦ୍ ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପଣ୍ଡିତ ହୃଷୀକେଶ ରଥ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରମୋଦ ପ୍ରତାପ, କଳିଙ୍ଗ ଆବାସିକ ବିଦ୍ୟାଳୟର କ୍ୟାମ୍ପସ ଅଧ୍ୟକ୍ଷ ଦ୍ୱୟ ନିଶିକାନ୍ତ ମହାନ୍ତି ଓ ଅନିଲ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ସ୍ୱର୍ଣ୍ଣ ଓଡ଼ିଶା' ଉନ୍ମୋଚିତ ହେବା ସହିତ ବିଶିଷ୍ଟ ସାହିତ୍ୟିକ, ସ୍ତମ୍ଭଲେଖକ ତଥା 'ନିର୍ଭୀକ' ପତ୍ରିକାର ସମ୍ପାଦକ ଅବନୀ ଚନ୍ଦ୍ର ଦାସଙ୍କୁ 'କଳିଙ୍ଗ ପ୍ରଜ୍ଞା ସମ୍ମାନ'ରେ ଉତ୍ତରୀୟ, ପୁଷ୍ପଗୁଚ୍ଛ ସହିତ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦ୍ ଭିନ୍ନ ଶିକ୍ଷା, ସାହିତ୍ୟ, ସେବା ତଥା ପ୍ରକୃତି ପରିବେଶ କ୍ଷେତ୍ରରେ ଅନ୍ୟ କେତେକ କୃତି ପ୍ରତିଭାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଉତ୍ସବ ପ୍ରାରମ୍ଭରେ ଓ ପରିଶେଷରେ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପରିବେଷିତ ହୋଇଥିଲା ।

# ବିଜେଡି ବିଧାୟକମାନଙ୍କ ସହ ନବୀନଙ୍କ ଆଲୋଚନା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ସନ୍ଧ୍ୟାରେ ନବୀନ ନିବାସରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ୯ ଜଣ ବିଧାୟକମାନଙ୍କୁ ଭେଟି ସେମାନଙ୍କ ନିର୍ବାଚନ ମଣ୍ଡଳୀର ସମସ୍ୟା ଓ ଦଳୀୟ ସଂଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ତୃଣମୂଳ ସ୍ତରରେ ଦଳର ସଂଗଠନକୁ ମଜବୂତ କରିବା ସହ ସାଧାରଣ ଲୋକଙ୍କ ସମସ୍ୟାର ଅଗ୍ରାଧିକାର ଭିତ୍ତି ରେ ସମାଧାନ କରିବାକୁ ଶ୍ରୀ ପଟ୍ଟନାୟକ ବିଧାୟକ ମାନଙ୍କୁ ପରାମର୍ଶ ଦେଇଥିଲେ। ସେମାନଙ୍କ ନିର୍ବାଚନ ମଣ୍ଡଳୀ ର ବିକାଶ କାମ ବିଷୟରେ ମଧ୍ୟ ସେ ପଚାରି ବୁଝି ଥିଲେ.। ବିଜୁ ଜନତା ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ବିଧାୟକ ମାନଙ୍କୁ ପରାମର୍ଶ ଦେଇଥିଲେ। ଆଜିର ବୈଠକରେ ବିଧାୟିକା ମନୋରମା ମହାନ୍ତି , ବିଧାୟକ ସର୍ବଶ୍ରୀ ନିରଞ୍ଜନ ପୂଜାରୀ, ଅଶ୍ୱିନୀ ପାତ୍ର, ବ୍ରଜକିଶୋର ପ୍ରଧାନ, ବ୍ୟୋମକେଶ ରାୟ, ସଂଜୀବ ମଲ୍ଲିକ, ଚକ୍ରମଣି କଂହର, ଗୌତମ ବୁଦ୍ଧ ଦାସ ଓ ମାଧବ ଧଡ଼ା ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଭାଗ ନେଇଥିଲେ।

# କିଆ ମୋଟର୍ସ ପକ୍ଷରୁ ନୂଆ ଏସ୍‌ୟୁଭି ମଡେଲ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ତୃପ୍ତି କିଆରେ, କିଆ ମୋଟର୍ସ ମଙ୍ଗଳବାର ନିଜର ନୂଆ ଓ ଅତ୍ୟାଧୁନିକ ଏସ୍‌ୟୁଭି ମଡେଲ ନ୍ୟୁ ସେଲଟୋସ୍ ରାଜ୍ୟରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛି। ନୂଆ ସେଲଟୋସ୍ ୮ଟି ଭେରିଏଣ୍ଟରେ ଉପଲବ୍ଧ ଅଛି, ଯାହାର ମୂଲ୍ୟ ୧୦.୯୯ ଲକ୍ଷ ଟଙ୍କାରୁ ଆରମ୍ଭ । ଗ୍ରାହକଙ୍କୁ ପେଟ୍ରୋଲ ଏବଂ ଡିଜେଲ, ଉଭୟ ଇଞ୍ଜିନ୍‌ର ବିକଳ୍ପ ଦିଆଯାଇଛି। ଏହି ମଡେଲ୍ ଏକ ପ୍ରଗତିଶୀଳ ଟ୍ରିନିଟି ଡିସ୍‌ପ୍ଲେ, ୧୦-ୱେ ପାୱାର ଡ୍ରାଇଭର୍ ସିଟ୍ ସହିତ ମେମୋରୀ ଫଙ୍କସନ୍, ଏଲ୍.ଇ.ଡି. ଡି.ଆର.ଏଲ୍. ସହିତ ୱେଲକମ୍ ଫଙ୍କସନ୍ ଆଦି ଅତ୍ୟାଧୁନିକ




ସୁବିଧାରେ ସଜ୍ଜିତ ହୋଇଛି। ପୂର୍ବ ମଡେଲ୍ ତୁଳନାରେ ଏଥିରେ ଅଧିକ ସ୍ଥାନ, ଅଧିକ ଗ୍ରାଉଣ୍ଡ୍ କ୍ଲିଅରେନ୍ସ, ଲମ୍ବ ଓ ଓସାର ରହିଛି ଏବଂ ଏହା ୧୨ଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ ଅଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ମୂଳ ଭେରିଏଣ୍ଟରୁ ହିଁ ଅଟୋମେଟିକ୍ ଏସି ଏବଂ କ୍ରୁଜ୍ କଣ୍ଟ୍ରୋଲ୍ ଭଳି ସୁବିଧା ରହିଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂହ ବିଶେଷ ଅତିଥି ଭାବରେ ଯୋଗଦେଇଥିଲେ । ଏଥିରେ ତୃପ୍ତି କିଆର ମ୍ୟାନେଜିଂ ଡାଇରେକ୍ଟର ବଦ୍ରି ନାରାୟଣ ସାମନ୍ତରାୟ, ଡାଇରେକ୍ଟର ରୁଦ୍ର ନାରାୟଣ ସାମନ୍ତରାୟ ଏବଂ ଜେନେରାଲ୍ ମ୍ୟାନେଜର ଗୋପାଳ ସିଂହ ମଧ୍ୟ ଉପସ୍ଥିତ ଥିଲେ।

ଏହି ଉପଲକ୍ଷେ କିଆ ମୋଟର୍ସର ମ୍ୟାନେଜିଂ ଡାଇରେକ୍ଟର ବଦ୍ରିନାରାୟଣ ସାମନ୍ତରାୟ କହିଛନ୍ତି ଯେ, 'ନ୍ୟୁ ସେଲଟୋସ୍ ଆମର ଗ୍ରାହକଙ୍କ ଅଭିବୃଦ୍ଧିଶୀଳ ଆକାଂକ୍ଷା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଡିଜାଇନ୍ ହୋଇଛି । ଏହି ଡିଜାଇନ୍ ପ୍ରଦର୍ଶନ ଓ ଟେକ୍ନୋଲୋଜିରେ ସମ୍ପୂର୍ଣ୍ଣ ସନ୍ତୁଳନ ରକ୍ଷା କରିବା ସହ ଓଡ଼ିଶାର ଗ୍ରାହକଙ୍କ ପାଇଁ ଏକ ଆଦର୍ଶ ଏସୟୁଭି ହେବ ।' ନୂଆ ସେଲଟୋସ୍ ସମସ୍ତ ତୃପ୍ତି କିଆ ଡିଲରଶିପ୍‌ରେ ଉପଲବ୍ଧ ଅଛି।

# ସୂର୍ଯ୍ୟନଗରରେ କାର୍ନିଭାଲ ୨୦୨୬ର ଦୁଇ ଦିନିଆ ସାମୂହିକ ଉତ୍ସବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୂର୍ଯ୍ୟନଗର ନାଗରିକ ମଞ୍ଚ ଆସନ୍ତା ୧୭ ଏବଂ ୧୮ ତାରିଖରେ ସୂର୍ଯ୍ୟନଗର ପାର୍କରେ ବହୁ ପ୍ରତୀକ୍ଷିତ ସୂର୍ଯ୍ୟନଗର କାର୍ନିଭାଲ-୨୦୨୬ ଆୟୋଜନ କରିବାକୁ ପ୍ରସ୍ତୁତ ହେଉଛି। ଯାହା ଦୁଇ ଦିନିଆ ସ୍ପନ୍ଦନଶୀଳ ସାମୁହିକ ଉତ୍ସବ, ମନୋରଞ୍ଜନ ଏବଂ ଏକତାର ପ୍ରତିଜ୍ଞା କରିବ। ଏହି କାର୍ଯ୍ୟକ୍ରମ ସକାଳ ୧୦:୦୦ରୁ ରାତି ୯:୦୦ ପର୍ଯ୍ୟନ୍ତ ସ୍ଥିର ହୋଇଥିବା ଏହି କାର୍ନିଭାଲ ଭୁବନେଶ୍ୱରର ବାସିନ୍ଦାମାନଙ୍କୁ ଆନନ୍ଦ, ମନୋରଞ୍ଜନ ଏବଂ ସମସ୍ତ ବୟସର ଲୋକଙ୍କ ପାଇଁ ସହଭାଗୀ ଅଭିଜ୍ଞତାରେ ପରିପୂର୍ଣ୍ଣ ଏକ ଉତ୍ତମ ସପ୍ତାହାନ୍ତ ଛୁଟି ପ୍ରଦାନ କରିବାର ଲକ୍ଷ୍ୟ ରଖିଛି। ଏକ ଅନନ୍ୟ ସମ୍ପ୍ରଦାୟ ନେତୃତ୍ୱାଧୀନ ପଦକ୍ଷେପ ଭାବରେ ପରିକଳ୍ପିତ, ସୂର୍ଯ୍ୟନଗର କାର୍ନିଭାଲ ହେଉଛି ଏକ ରେସିଡେଣ୍ଟ ୱେଲଫେୟାର ଆସୋସିଏସନ ଦ୍ୱାରା ଆୟୋଜିତ ସହରର ପ୍ରଥମ ବଡ଼ ଧରଣର କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ। ଏହି କାର୍ଯ୍ୟକ୍ରମ ପଡ଼ୋଶୀ ବନ୍ଧନକୁ ମଜବୁତ କରିବା ସହିତ ନିକଟସ୍ଥ ଅଞ୍ଚଳରୁ ଆସିଥିବା ପରିଦର୍ଶକଙ୍କୁ ସ୍ୱାଗତ କରିବା, ଏହାକୁ ସହରୀ ସାମୁହିକ ଜୀବନର ଏକ ପ୍ରକୃତ ଅନ୍ତର୍ଭୁକ୍ତ ଉତ୍ସବ କରିବା ପାଇଁ ଚେଷ୍ଟା କରେ। ସୂର୍ଯ୍ୟନଗର ନାଗରିକ ମଞ୍ଚ ଏକ ଜୀବନ୍ତ ସ୍ଥାନ ସୃଷ୍ଟି କରିବାକୁ ଆଶା କରୁଛି ଯେଉଁଠାରେ ପରିବାର, ବନ୍ଧୁ ଏବଂ ପଡ଼ୋଶୀମାନେ ଏକାଠି ହୋଇ ସଂଯୋଗ ସ୍ଥାପନ କରିପାରିବେ, ପାରସ୍ପରିକ କ୍ରିୟା କରିପାରିବେ ଓ ସ୍ଥାୟୀ ସ୍ମୃତି ସୃଷ୍ଟି କରିପାରିବେ।

କାର୍ନିଭାଲରେ ବିଭିନ୍ନ ଆଗ୍ରହ ଏବଂ ବୟସ ଗୋଷ୍ଠୀ ପାଇଁ ଡିଜାଇନ୍ କରାଯାଇଥିବା ବିଭିନ୍ନ କାର୍ଯ୍ୟକଳାପ ପ୍ରଦର୍ଶନ କରାଯିବ। ସୁସ୍ଥତା ଏବଂ ସାମୁଦାୟିକ ଯତ୍ନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଆୟୋଜନ କରାଯିବ। ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ମଜାଦାର ଖେଳ କ୍ଷେତ୍ର ଉତ୍ସାହଜନକ ଏବଂ ନିରାପଦ କାର୍ଯ୍ୟକଳାପ ପ୍ରଦାନ କରିବ, ଯେତେବେଳେ ପରିବାରମାନେ ବିଭିନ୍ନ ପ୍ରଦର୍ଶନୀ ଅନୁସନ୍ଧାନ କରିପାରିବେ ଏବଂ ଉତ୍ପାଦ, ହସ୍ତଶିଳ୍ପ ଓ ଜୀବନଶୈଳୀ ପ୍ରଦାନ କରୁଥିବା ଷ୍ଟଲ ପ୍ରଦର୍ଶନ କରିପାରିବେ। ଖାଦ୍ୟ ପ୍ରେମୀମାନେ ଖାଦ୍ୟ ଷ୍ଟଲର ଏକ ପରିସର ସହିତ ଏକ ଆନନ୍ଦ ପାଇଁ ପ୍ରସ୍ତୁତ ଅଛନ୍ତି ଯାହା ମୁହଁରେ ପାଣି ଆସୁଥିବା ଖାଦ୍ୟ ଏବଂ ସତେଜ ପାନୀୟ ପରିବେଷଣ କରିବ, ଯାହା କାର୍ନିଭାଲକୁ ଏକ ଗ୍ୟାଷ୍ଟ୍ରୋନୋମିକ୍ ଆନନ୍ଦ ମଧ୍ୟ ଦେବ। ପରିଦର୍ଶକମାନେ ଦିନସାରା ଦୋକାନ କରିପାରିବେ, ଖାଇପାରିବେ, ଆରାମ କରିପାରିବେ ଏବଂ ଉତ୍ସବମୁଖୀ ପରିବେଶର ମଜା ନେଇପାରିବେ।

ସୂର୍ଯ୍ୟନଗର କାର୍ନିଭାଲ ୨୦୨୬ର ଏକ ପ୍ରମୁଖ ଆକର୍ଷଣ ହେବ ଏହାର ପ୍ୟାକ୍ ମନୋରଞ୍ଜନ ଲାଇନ-ଅପ୍। ନୃତ୍ୟ ପ୍ରଦର୍ଶନ, ସାଂସ୍କୃତିକ କାର୍ଯ୍ୟ ଏବଂ ସ୍ପନ୍ଦନଶୀଳ ଷ୍ଟେଜ ଶୋ' ସହିତ ଷ୍ଟେଜଟି ରକଷ୍ଟାର ଅଂଶୁମାନ, ମହମ୍ମଦ ଆବିଦ ଏବଂ ଗ୍ରୁପ୍ ଏବଂ ମଡର୍ଣ୍ଣ ବିଟ୍ସଙ୍କ ଦ୍ୱାରା ଲାଇଭ୍ ସଂଗୀତ ପ୍ରଦର୍ଶନ ସହିତ ଜୀବନ୍ତ ହୋଇଯିବ। ଲୋକପ୍ରିୟ ହାସ୍ୟ ଅଭିନେତା ଜୁନିୟର ପପୁ ପମ୍‌ପମ୍ ଏକ ସ୍ୱତନ୍ତ୍ର କମେଡି ଶୋ' ସହିତ ଦର୍ଶକଙ୍କ ମନରେ ହସ ଆଣିବେ। ପିଲା ଏବଂ ପରିବାରକୁ ଆହୁରି ଜଡ଼ିତ କରିବା ପାଇଁ ମ୍ୟାଜିକ୍ ଶୋ' ଏବଂ ଇଣ୍ଟରାକ୍ଟିଭ୍ କାର୍ଯ୍ୟକଳାପକୁ ମଧ୍ୟ ଅନ୍ତର୍ଭୁକ୍ତ କରିବାର ପ୍ରୟାସ ଚାଲିଛି। ମନୋରଞ୍ଜନ, ସୁସ୍ଥତା, ସପିଂ, ଖାଦ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ମିଶ୍ରଣ ସହିତ, ସୂର୍ଯ୍ୟନଗର କାର୍ନିଭାଲ ୨୦୨୬ ସାମୁହିକ ଭାବନା ଏବଂ ଆନନ୍ଦର ଏକ ଜୀବନ୍ତ ଉତ୍ସବ ହେବ ଯାହାକୁ ଭୁବନେଶ୍ୱରର ବାସିନ୍ଦାମାନେ ହାତଛଡ଼ା କରିବେ ନାହିଁ ବୋଲି ଅନୁମାନ କରାଯାଉଛି।

# କଟକରେ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଅନ୍ତୁ ରାଜ୍ୟ ସରକାର: ଭର୍ତ୍ତୃହରି

**କଟକ, ନ୍ୟୁଜ ବ୍ୟୁରୋ**

ପୁଣି ଏକ ବୟାନ ଦେଇ ଚର୍ଚ୍ଚାରେ କଟକ ସାଂସଦ ଭର୍ତ୍ତୃହରି ମହତାବ । ସାଂସଦ କହିଛନ୍ତି ହୋଟେଲ ନୁହେଁ ରାଜ୍ୟ ସରକାର କଟକରେ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଅନ୍ତୁ । କଟକରେ ଶିକ୍ଷା ହବ୍ର ଆବଶ୍ୟକତା ରହିଛି । ଅଧିକରୁ ଅଧିକ ଶିକ୍ଷାନୁଷ୍ଠାନ ନିର୍ମାଣ କରନ୍ତୁ ରାଜ୍ୟ ସରକାର । ପୂର୍ବରୁ ଭୁବନେଶ୍ୱରରେ ୱାର୍ଲ୍ଡ ସ୍କିଲ୍ ସେଣ୍ଟର ନିର୍ମାଣ ହୋଇଛି । ପୁଣି ଆଉ ଏକ ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଭୁବନେଶ୍ୱରରେ ତିଆରି କରିବାକୁ ନିଷ୍ପତ୍ତି ନେଇଛନ୍ତି ସରକାର । ମୁଖ୍ୟମନ୍ତ୍ରୀ ଏହାକୁ ପୁର୍ନବିଚାରକୁ ନେବେ ବୋଲି ଆଶା। ଭୁବନେଶ୍ୱର ନୁହେଁ କଟକରେ ଏକ ୱାର୍ଲ୍ଡ ସ୍କିଲ୍ ସେଣ୍ଟର କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି କଟକ ସାଂସଦ ଭର୍ତ୍ତୃହରି ମହତାବ । ଯେଉଁଠି ଯୁବବର୍ଗ ମାନେ ଅଧିକ ପରିମାଣରେ ଟ୍ରେନିଂ ପାଇବେ । ନିଯୁକ୍ତିର ସୁଯୋଗ ମଧ୍ୟ ସୃଷ୍ଟି ହେବ । ଭୁବନେଶ୍ୱରରେ ଥିବା ୱାର୍ଲ୍ଡ ସ୍କିଲ୍ ସେଣ୍ଟରର ୧୧ଟି ଯାକ ତାଲା ସମ୍ପୂର୍ଣ୍ଣ ଭାବେ ବିନିଯୋଗ ହେଉନାହିଁ । ତେଣୁ ଭୁବନେଶ୍ୱରରେ ଆଉ ଗୋଟେ କରିବାର ଆବଶ୍ୟକତା କ'ଣ ରହିଛି ବୋଲି ପ୍ରଶ୍ନ କରିଛନ୍ତି କଟକ ସାଂସଦ ଭର୍ତ୍ତୃହରି ମହତାବ ।

# ଗୋଦାବରୀଶ ସାହିତ୍ୟ ସଂସଦର ସାହିତ୍ୟ ସଂଧ୍ୟା




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ଗୋଦାବରୀଶ ସାହିତ୍ୟ ସଂସଦର ଏକ ମନୋଜ୍ଞ ସାହିତ୍ୟ ସଂଧ୍ୟା ବିଶିଷ୍ଟ କବି ଓ ନାଟ୍ୟକାର ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ଡକ୍ଟର ରାମଚନ୍ଦ୍ର ମହାନ୍ତି ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ସାହିତ୍ୟକୃତି ଓ ଜୀବନ ଚରିତ ଉପରେ ଦୀକ୍ଷାନ୍ତ ଭାଷଣ ଦେଇଥିଲେ। କାବ୍ୟାଲୋଚନା ପରେ ସୌଦାମିନୀ ସାମନ୍ତରାୟ ଓ ଶୁଭ୍ରା ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅର୍ଦ୍ଧ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ସର୍ବଶ୍ରୀ ଦେବେନ୍ଦ୍ର ନାଥ ଦାସ, ଅନିରୁଦ୍ଧ ଓ ବିକାଶ ଚନ୍ଦ୍ର ଦାସ ଆଦି ଉତ୍ସବ ପରିଚାଳନା କରିଥିଲେ। ସଂସଦ ଦ୍ୱାରା ପ୍ରକାଶିତ ନୂଆ ବର୍ଷର କ୍ୟାଲେଣ୍ଡର ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କବି ଲଡୁ କିଶୋର ପଢିଆରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୫ରେ ବାଣୀବିହାର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୧୯୭୦-୧୯୭୨ ମସିହାରେ ବାଣୀବିହାରରେ ଅଧ୍ୟୟନ କରିଥିବା ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁମିଳନ ଆସନ୍ତା ତା ୨୫/୦୧/୨୦୨୬ରିଖ ରବିବାର ଦିନ ଅନୁଷ୍ଠିତ ହେବ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଫରେଷ୍ଟ ପାର୍କ ଶିଶୁଭବନ ଛକ ନିକଟସ୍ଥ ପ୍ଲଟ ନଂ-୧ରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସମସ୍ତ ଭାଇଭଉଣୀ ଉପସ୍ଥିତ ରହିବାକୁ କାର୍ଯ୍ୟକ୍ରମର ଆୟୋଜକ ଏସ୍.ଏମ୍ ଫାରୁକ, ଅରବିନ୍ଦ ମିତ୍ର, ଦୁର୍ଗାଚରଣ ଦାଶ, ଦୀନବନ୍ଧୁ ଶତପଥୀ ଏବଂ ରାଜକିଶୋର ଦାଶ ପ୍ରମୁଖ ନିବେଦନ କରିଛନ୍ତି।

# ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ପ୍ରତୀକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆଜି ଜୟଦେବ ଭବନରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ପୁରୋଧା, ଓଡ଼ିଶାର ସୁଯୋଗ୍ୟ ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ବିଭାଗର ମନ୍ତ୍ରୀ ବିଭୁତି ଭୂଷଣ ଜେନା ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଅବଦାନ, ରାଜନୈତିକ ଦୃଷ୍ଟିକୋଣ ଓ ଜନସାଧାରଣଙ୍କ ସହ ତାଙ୍କ ଗଭୀର ସମ୍ପର୍କ ଉପରେ ଆଲୋକପାତ କରିଥିଲେ।

ଉତ୍କଳ ଦୀପିକା

ଭୁବନେଶ୍ୱର
୧୪ ଜାନୁଆରୀ,
ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27


# ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନବାଙ୍କ ବେଢା ନୀତି ହେଲାନି !

**ଭୁବନେଶ୍ୱର, ୧୩/୦୧**
**ନ୍ୟୁଜ ବ୍ୟୁରୋ**




ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମକର ପ୍ରାକ୍ ସନ୍ଧ୍ୟାର ନବାଙ୍କ ବେଢ଼ା ନୀତି ହେଲାନି। ଏ ନେଇ ହାଇକୋର୍ଟ ଶୁଣାଣି କରିଛନ୍ତି । ଉକ୍ତ ଶୁଣାଣିରେ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ଠାକୁରଙ୍କ ନବାଙ୍କ ବେଢ଼ା ନୀତି ସ୍ଥଗିତ ରଖିବାକୁ ଦର୍ଶାଯାଇଛି। ଫଳରେ ମଙ୍ଗଳବାର ସନ୍ଧ୍ୟା ଧୂପଠାରୁ ନବାଙ୍କ ବେଢ଼ା ନୀତି ହୋଇନଥିବା ବେଳେ ପରବର୍ତ୍ତୀ ଦିନ ଅର୍ଥାତ ବୁଧବାର ମକରରେ ଘୃତ କମଳ ଲାଗି ହେବା ଆଦି ନୀତି ବନ୍ଦ ରହିବାର ସମ୍ଭାବନା ରହିଛି ।

୨୦୨୫ରେ ଏକାମ୍ର ଆରାଧ୍ୟ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନବାଙ୍କ ବେଢା ନୀତିର ଖୀର ଆଉଟା ପାଇଁ ବଡୁ ଓ ବ୍ରାହ୍ମଣ ନିଯୋଗ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ପାଇଁ ୨୪ ଡିସେମ୍ବର ୨୦୨୫ରେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ତଥା ଜିଲ୍ଲାପାଳଙ୍କ ତରଫରୁ ଏକ ନିର୍ଦ୍ଦେଶ ଜାରି କରାଯାଇଥିଲା। ଯେଉଁଥିରେ ମକର ପୂର୍ବ ସନ୍ଧ୍ୟାରେ ଖୀର ଆଉଟାଇବା ପାଇଁ ପରବଯାତ୍ରା ବିଷୋୟୀ ଜାଳ କାଠ ଓ ଅସ୍ଥାୟୀ ଚୁଲି ପ୍ରସ୍ତୁତ କରିବେ। ଘଣ୍ଟ ଏବଂ ମେଘ ଡମ୍ବରୁ ଶୋଭାଯାତ୍ରାରେ ବଡୁ ନିଯୋଗର ସାମନ୍ତରା ଘରୁ ଖୀର ଏବଂ ହାଣ୍ଡି ଅଣା ଯିବ ବୋଲି କୁହାଯାଇଥିଲା। ଏଥିସହ ବ୍ରାହ୍ମଣ ନିଯୋଗର ପୁଷ୍ପାଳକ ସେବାୟତ ଖିର ଆଉଟାଇ ଘୃତ କମଳ ପ୍ରସ୍ତୁତ କରିବେ। ପର ଦିନ ଅର୍ଥାତ ମକରରେ ବଡୁ ସେବାୟତମାନେ ଶ୍ରୀଜୀଉଙ୍କୁ ଘୃତ କମଳ ଲାଗି କରିବେ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ଏହି ନିର୍ଦ୍ଦେଶ ଅବୈଧ ଦର୍ଶାଇ ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ପିଟିସନ (କ୍ରନଂ୪୧୦/ ୨୦୨୬) ଦାଖଲ କରିଥିଲେ। ଏଥିରେ ଖୋର୍ଦ୍ଧା ଜିଲ୍ଲାପାଳ, ସମ୍ପାଦକ ବ୍ରାହ୍ମଣ ନିଯୋଗ ଏବଂ ସହକାରୀ ଦେବୋତ୍ତର କମିଶନରଙ୍କୁ ପକ୍ଷଭୁକ୍ତ କରାଯାଇଛି । ଜଷ୍ଟିସ କେ ଆର ମହାପାତ୍ର ଏବଂ ସଞ୍ଜୟ କୁମାର ମିଶ୍ରଙ୍କ ଦ୍ୱାରା ମାମଲା ଶୁଣାଣି କରାଯାଇଥିଲା । ଖଣ୍ଡପୀଠଙ୍କ ନିର୍ଦ୍ଦେଶ ଅନୁଯାୟୀ, ହିନ୍ଦୁ ଦେବୋତ୍ତର ଆଇନର ଧାରା ୪୧ରେ ଦେବ ନୀତି ବିବାଦ ପାଇଁ କେବଳ ସହକାରୀ ଦେବୋତ୍ତର କମିଶନର ହସ୍ତକ୍ଷେପ କରି ପାରିବେ ବୋଲି ସ୍ପଷ୍ଟ ରହିଛି । ତେଣୁ ଜିଲ୍ଲାପାଳ ଏ ନେଇ ନିଷ୍ପତ୍ତି ନେଇ ପାରିବେ ନାହିଁ। ଆସନ୍ତା ଫେବ୍ରୁୟାରୀ ୨୪ ତାରିଖ କିମ୍ବା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ନୀତି ସ୍ଥଗିତ ରଖିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଉଚ୍ଚନ୍ୟାୟାଳୟଙ୍କ ଏହି ଶୁଣାଣିର ସ୍ୱୀକୃତିପ୍ରାପ୍ତ ନକଲ ମଙ୍ଗଳବାର ବଡୁ ନିଯୋଗ ତରଫରୁ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଠାରେ ଦାଖଲ କରାଯାଇଛି ।

# ଶ୍ରୀମନ୍ଦିରରେ ଚାଉଳ ମେଳାଣ ଓ ଫୁଲ ମେଳାଣ : ସ୍ୱତନ୍ତ୍ର ବେଶରେ ଦର୍ଶନ ଦେବେ ୩ ଠାକୁର

**ପୁରୀ ୧୩/୦୧ ନ୍ୟୁଜ ବ୍ୟୁରୋ**



ବୁଧବାର ମକର ସଂକ୍ରାନ୍ତି। ଏହାର ଠିକ୍ ପୂର୍ବଦିନ ଅର୍ଥାତ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନବାଙ୍କ ବେଶ ନୀତି ସମ୍ପନ୍ନ ହୋଇଛି। ଏହାସହ ଚାଉଳ ମେଳାଣ ଓ ଫୁଲ ମେଳାଣ ଉତ୍ସବ ଅନୁଷ୍ଠିତ ହୋଇଛି। ସନ୍ଧ୍ୟା ଆଳତି ବେଶରେ ମାଳଚୂଳମାନ ଖୁଣ୍ଟିଆ ଓ ପୁଷ୍ପାଳକ ସେବକଙ୍କ ସହାୟତାରେ ଠାକୁର ମାନଙ୍କୁ ଲାଗି କରାଯାଇଥିଲା । ବଡ଼ସିଂହାର ବେଶରେ ସୋଲ, ଜରି ଓ କଇଁଥ ଅଠାରେ ପ୍ରସ୍ତୁତ ଶଙ୍ଖ, ଚକ୍ର, ହଳ, ମୂଷଳ, କୁଣ୍ଡଳ ଇତ୍ୟାଦି ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଲାଗି କରାଯାଇଥିଲା। ଏହି ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଳଭଦ୍ର ଯଥାକ୍ରମେ ସୋଲ ନିର୍ମିତ ମକର କୁଣ୍ଡଳ ଓ ଶଙ୍ଖ, ଚକ୍ର, ହଳ, ମୂଷଳ ଇତ୍ୟାଦି ଧାରଣ କରିଥିଲେ। ଏହି ବେଶ ନବାଙ୍କ ବେଶ ରୂପେ ପରିଚିତ। ନବାଙ୍କ ବେଶରେ ଠାକୁରମାନଙ୍କ ଶିରରୁ ରତ୍ନସିଂହାସନ ଚଟାଣ ଯାଏଁ ଗେଣ୍ଡୁଫୁଲର ମାଳରେ ସୁସଜ୍ଜିତ କରାଯାଏ। ବଡ଼ସିଂହାର ବେଶରେ ଦେବତାମାନଙ୍କୁ ଅଳଙ୍କୃତ କରୁଥିବା ଚିତା, ଗୁଣା, କରପଲ୍ଲବ, ଅଧରମାଳା ଓ ଶ୍ରୀପୟର ମାଳା ମଧ୍ୟ ପ୍ରଧାନତଃ ଗେଣ୍ଡୁ ଫୁଲରେ ନିର୍ମିତ ହୋଇଥାଏ। ହୃଦ ପଦକରେ ଗେଣ୍ଡୁ ଫୁଲ ସହିତ ଗୋଲାପ ଫୁଲର ସମ୍ମିଶ୍ରଣ ଘଟିଥାଏ। ସାଧାରଣ ଦିନମାନଙ୍କରେ ଚତୁର୍ଦ୍ଧାବିଗ୍ରହଙ୍କ ଠାରେ ଚାରି ପାଞ୍ଚଟି ମାଳ ଲାଗୁଥିଲେ ମଧ୍ୟ ନବାଙ୍କ ବେଶ ଦିନ ଦଶ ପନ୍ଦରଟି ମାଳ ଲାଗିହୁଏ। ଏହି ଦିନ ଲାଗୁଥିବା ଶିର ଭୂଷଣ ଓ ଟୋପର ଗୁଡିକ ତୁଳସୀ ପତ୍ର ଦ୍ୱାରା ପ୍ରସ୍ତୁତ ହୋଇଥାଏ। ସେହି ଟୋପର ଉପରେ ଗେଣ୍ଡୁ ଫୁଲର ମାଳା ଗୁନ୍ଥା ଯାଇଥାଏ। ମକର ସଂକ୍ରାନ୍ତି ପୂର୍ବଦିନ ଅନୁଷ୍ଠିତ ହୋଇଥିବା ଏହି ବେଶରେ ବହୁଳ ଭାବରେ ଗେଣ୍ଡୁ ଫୁଲ ବ୍ୟବହାର ହୋଇଥିଲା। ଏହାର କାରଣ ହେଉଛି ଏହି ସମୟରେ ଅଧିକ ଗେଣ୍ଡୁଫୁଲ ମିଳେ। ନବାଙ୍କ ବେଶ ସହିତ ନବାଙ୍କ ବେଢାର ମଧ୍ୟ ତାତ୍ପର୍ଯ୍ୟ ରହିଛି। ବଡ଼ ସିଂହାର ଭୋଗ ପରେ ମଦନମୋହନ ଦକ୍ଷିଣ ଘରୁ ବିଜେ କରି ରତ୍ନସିଂହାସନକୁ ଆସିଥିଲେ। ସେଠାରୁ ଆଜ୍ଞାମାଳ ପାଇ ରତ୍ନସିଂହାସନକୁ ସାଢେ ଚାରିଥର ପ୍ରଦକ୍ଷିଣ କରି ବଟମୂଳେ ଥିବା ପାଲିଙ୍କିରେ ବିଜେ କରି ଦେଉଳ ଚାରିପାଖକୁ ସାଢେ ଚାରିଥର ପ୍ରଦକ୍ଷିଣ କରିଥିଲେ।

# ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଦେବାକୁ ଗୃହ ବିଭାଗକୁ ନିର୍ଦ୍ଦେଶ

**କଟକ ୧୩।୧**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ କେତେ ସଂଖ୍ୟକ ବାଂଲାଦେଶୀ ଅଛନ୍ତି, ଅନୁପ୍ରବେଶକାରୀ ଭାବେ କେତେ ଜଣ ଚିହ୍ନଟ ହୋଇଛନ୍ତି, ସେନେଇ ରାଜ୍ୟ ସରକାର ଯେଉଁ ତଥ୍ୟ ଦେଇଛନ୍ତି ତାହା ହାଇକୋର୍ଟଙ୍କୁ ସନ୍ତୁଷ୍ଟ କରିପାରିନାହିଁ । ତେଣୁ ୨ ସପ୍ତାହ ମଧ୍ୟରେ ସବିଶେଷ ବିବରଣୀ ଦେବା ଲାଗି ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ବାଂଲାଦେଶୀଙ୍କ ଅନୁପ୍ରବେଶ ରୋକିବା ପାଇଁ ରାଜ୍ୟ ସରକାର ଗତ ବର୍ଷ ଜୁନ୍ ମାସରେ ଏସଟିଏଫ ଗଠନ କରିଛନ୍ତି। ଯାହା ଜରିଆରେ ଅନୁପ୍ରବେଶ ରୋକିବା, ବେଆଇନ ଭାବେ ରହୁଥିବା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ନିଷ୍ପତ୍ତି ହୋଇଛି।

ତେବେ ପୂର୍ବ ସରକାର ଅମଳରେ ଚିହ୍ନଟ ହୋଇଥିବା ବାଂଲାଦେଶୀଙ୍କ ସଂଖ୍ୟା ଏବଂ ବର୍ତ୍ତମାନର ସଂଖ୍ୟା ଭିତରେ ଅନେକ ଫରକ ରହିଛି ଯାହାକୁ ନେଇ ଆବେଦନକାରୀ ମଙ୍ଗଳବାର ଶୁଣାଣି ସମୟରେ ଆପତ୍ତି ଉଠାଇଛନ୍ତି । ତେଣୁ ଆସନ୍ତା ତାରିଖ ସୁଦ୍ଧା ସବିଶେଷ ତଥ୍ୟ ଦେବା ଲାଗି ମଙ୍ଗଳବାର ରାଜ୍ୟ ଗୃହ ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ବିବାହ ପୂର୍ବରୁ ଝିଅର ସ୍ୱୀକୃତି ନେବା ଜରୁରୀ



ସେହିପରି ଝିଅ ବିବାହକୁ ନେଇ ମଧ୍ୟ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ବିବାହ ପୂର୍ବରୁ ପରିବାର ଲୋକ ଝିଅର ସ୍ୱୀକୃତି ନେବା ଜରୁରୀ । ଜୋର୍ ଜବରଦସ୍ତି କନ୍ୟାର ବିବାହ କରି ପାରିବେ ନାହିଁ ଅଭିଭାବକ । ଝିଅ ନିଖୋଜ ଅଭିଯୋଗରେ ଦାୟର ହୋଇଥିବା ଏକ 'ହେବିୟସ କର୍ପସ' ପିଟିସନ୍‌ର ଶୁଣାଣି କରି ହାଇକୋର୍ଟ ଏଭଳି ଉଲ୍ଲେଖ କରିଛନ୍ତି । ବିବାହ କ୍ଷେତ୍ରରେ ଝିଅର ନିଷ୍ପତ୍ତି ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ବିବାହକୁ ନେଇ କୌଣସି ନିଷ୍ପତ୍ତି ଅଭିଭାବକଙ୍କ ଦ୍ୱାରା ନିଆଯିବା ପୂର୍ବରୁ ଝିଅର ଅନୁମତି ନିଆଯିବା ଉଚିତ୍ । ଯେତେବେଳେ ଜଣେ ଝିଅ ବିବାହ ପାଇଁ ପ୍ରସ୍ତୁତ ନଥାଏ, ମାନସିକ ଚାପ କିମ୍ବା ବଳ ପ୍ରୟୋଗ କରି ତାଙ୍କୁ ବାହାଦେବା ଏହା ସମାଜ ପାଇଁ ଅନୁକୂଳ ନୁହେଁ । ଅଭିଭାବକମାନେ ନିଜ ନିଷ୍ପତ୍ତି ପିଲାମାନଙ୍କ ଉପରେ ଲଦି ଦେବାର ଭାବନା ବିରୋଧରେ ପ୍ରଶାସନ ସଚେତନ କରିବା ଆବଶ୍ୟକ। ପ୍ରାପ୍ତ ବୟସ୍କ ଝିଅର ନିଷ୍ପତ୍ତିକୁ ସମ୍ମାନ ଦେବା ଉପରେ ମଧ୍ୟ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି ।

## ବୁଲା କୁକୁର ଆକ୍ରମଣ ମାମଲାରେ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ

# କୁକୁର ଆକ୍ରମଣରେ ଆହତ କିମ୍ବା ମୃତ୍ୟୁ ହେଲେ ରାଜ୍ୟ ସରକାର ଦେବେ କ୍ଷତିପୂରଣ

**ନୂଆଦିଲ୍ଲୀ, ୧୩।୧**



ସୁପ୍ରିମକୋର୍ଟ ମଙ୍ଗଳବାର ବୁଲା କୁକୁରଙ୍କ ଆକ୍ରମଣ ନେଇ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଏନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ଶୁଣାଣି ବେଳେ ଜଷ୍ଟିସ୍ ବିକ୍ରମ ନାଥ କଡା ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଯଦି କୁକୁର କାମୁଡିବା ଦ୍ୱାରା ପିଲା କିମ୍ବା ବୟସ୍କ ଲୋକଙ୍କୁ ଆଘାତ କିମ୍ବା ମୃତ୍ୟୁ ହୁଏ ତେବେ ଏଥିପାଇଁ ରାଜ୍ୟ ସରକାରଙ୍କୁ ଭାରି ମାତ୍ରାରେ କ୍ଷତିପୂରଣ ଦେବାକୁ ପଡିପାରେ। ସେ କହିଛନ୍ତି, ଅଧିକାରୀଙ୍କ ନିଷ୍କ୍ରିୟତା କାରଣରୁ ଏହି ସମସ୍ୟା ବହୁ ଗୁଣ ପର୍ଯ୍ୟନ୍ତ ବଢିସାରିଛି । ଜଷ୍ଟିସ୍ ବିକ୍ରମ ନାଥ କହିଛନ୍ତି, କୁକୁର ଆକ୍ରମଣରେ ପିଲା କିମ୍ବା ବୃଦ୍ଧଙ୍କ ମୃତ୍ୟୁ ହୁଏ କିମ୍ବା ଆହତ ହୁଅନ୍ତି, ସେହି ପ୍ରତ୍ୟେକ ମାମଲାରେ ରାଜ୍ୟ ସରକାରଙ୍କୁ ସମୟୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ଭାରୀ କ୍ଷତିପୂରଣ ଦେବାକୁ ପଡିବ। ଯେଉଁମାନେ କୁକୁରମାନଙ୍କୁ ଖାଇବାକୁ ଦେଉଥିବାର ଦାବି କରନ୍ତି ସେମାନଙ୍କୁ ମଧ୍ୟ ଦାୟୀ କରାଯିବ। ଯଦି ସେମାନଙ୍କର ଏପରି ଭଲ ପାଇବା ଅଛି, ତେବେ ସେମାନେ କୁକୁରମାନଙ୍କୁ ଘରକୁ ନେଇଯିବା ଉଚିତ। କାହିଁକି ସେମାନଙ୍କୁ ଭୟଭୀତ କରିବା ଏବଂ ଲୋକଙ୍କୁ କାମୁଡ଼ିବା ପାଇଁ ରାସ୍ତାରେ ଛାଡି ଦିଆଯାଉଛି ?' ଏହି ମନ୍ତବ୍ୟ ସେତେବେଳେ ଆସିଥିଲା ଯେତେବେଳେ ବରିଷ୍ଠ ଆଇନଜୀବୀ ମାନେକା ଗୁରୁସ୍ୱାମୀ ଦୁଇଟି ପଶୁ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଯୁକ୍ତି ଦେଉଥିଲେ। ମାନେକା ଗୁରୁସ୍ୱାମୀ କହିଛନ୍ତି, ଏହା ଏକ ଭାବନାତ୍ମକ ପ୍ରସଙ୍ଗ। ଏହା ଉପରେ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟା ଟିପ୍ପଣୀ ଦେଇ କହିଛନ୍ତି, ଏପର୍ଯ୍ୟନ୍ତ ଭାବନା କେବଳ କୁକୁର ପାଇଁ ଦେଖାଯାଉଛି।' ଗୁରୁସ୍ୱାମୀ ଏହାର ଜବାବ ଦେଇ କହିଛନ୍ତି, ତାଙ୍କୁ ମଣିଷ ବିଷୟରେ ମଧ୍ୟ ସେତିକି ଚିନ୍ତା କରିବା ଦରକାର। ସେ କୋର୍ଟରେ ସଂସଦର ଯୁକ୍ତିତର୍କ ବିଷୟରେ ମଧ୍ୟ କହିଥିଲେ, ଯାହା ଉପରେ ଜଷ୍ଟିସ୍ ମେହେଟ୍ଟା କହିଛନ୍ତି, ସଂସଦ ଏଲିଟ୍ କ୍ଲାସ।'

ଜଷ୍ଟିସ୍ ବିକ୍ରମ ନାଥ କହିଛନ୍ତି, ମ୍ୟାଡାମ ଗୁରୁସ୍ୱାମୀ, ଆମକୁ ପ୍ରଶାସନକୁ ଦାୟୀ କରିବାକୁ ଦିଆଯାଉ, ଯାହାଫଳରେ କୌଣସି ଠୋସ୍ ପ୍ରକ୍ରିୟା ଆରମ୍ଭ କରିହେବ। ପ୍ରତ୍ୟେକ ଲୋକ ଏହି କଥାକୁ ଦୋହରାଉଛନ୍ତି। ଆମକୁ ନିର୍ଦ୍ଦେଶ ପାଳନ କରିବାକୁ ଦିଆଯାଉ।' ସେଭଳି ଜଷ୍ଟିସ୍ ମେହେଟ୍ଟା କହିଛନ୍ତି, ଅଧିକାରୀଙ୍କ ଅବହେଳାରୁ ସମସ୍ୟା ହଜାର ଗୁଣା ବଢ଼ି ଯାଇଛି । ଏହି କୋର୍ଟ ରୁମ୍ ଏବେ ସାର୍ବଜନୀନ ମଞ୍ଚ ହୋଇଯାଇଛି । ମାନେକା ଗୁରୁସ୍ୱାମୀ କହିଥିଲେ, କୁକୁରମାନଙ୍କୁ ହତ୍ୟା କରିବା କୌଣସି ସମସ୍ୟାର ସମାଧାନ ନୁହେଁ। ବନ୍ଧ୍ୟାକରଣ ହେଉଛି ସଠିକ୍ ପନ୍ଥା। ସେ ଅଭିଯୋଗ କରିଥିଲେ ଯେ କେନ୍ଦ୍ର ସରକାରଙ୍କ ପାଣ୍ଠିକୁ ସଠିକ୍ ଭାବରେ ବ୍ୟବହାର କରାଯାଉନାହିଁ। ଏବିସି ନିୟମ କେବଳ ଜନ୍ମ ନିୟନ୍ତ୍ରଣ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ପଶୁମାନଙ୍କୁ ବନ୍ଧନରେ ବାନ୍ଧି ରଖିବା ବିରୋଧରେ ରହିଛି। ସେ ଆହୁରି ମଧ୍ୟ କହିଥିଲେ ଯେ ସଂସଦ ବି ମାନୁଛି ଯେ, କୁକୁର ହତ୍ୟା ନୀତି ବିଫଳ ହୋଇଛି। ଗୁରୁସ୍ୱାମୀ ଜୋର ଦେଇ କହିଥିଲେ ଯେ କରୁଣାକୁ ଅଣଦେଖା କରାଯାଇପାରିବ ନାହିଁ, କୌଣସି ଯୁକ୍ତି ନିଷ୍ଠୁରତା କିମ୍ବା କୁକୁରମାନଙ୍କ ନିପାତକୁ ଯଥାର୍ଥ କରିପାରିବ ନାହିଁ।

## ମାଞ୍ଜା ସୂତା ବିକ୍ରି ରୋକ୍ ପାଇଁ ସ୍ୱତନ୍ତ୍ର ଅଭିଯାନ

# ୭୦ ବଣ୍ଡଲ ମାଞ୍ଜା ସୂତା ଜବତ : ଗୁଡ଼ି ନ ଉଡ଼ାଇବାକୁ ଡାକବାଜିରେ ସଚେତନତା

**ପୁରୀ, ୧୩/୦୧ ନ୍ୟୁଜ ବ୍ୟୁରୋ**

ଗୁଡ଼ିର ମାଞ୍ଜା ସୂତା ଯୋଗୁ ବଡ଼ଦାଣ୍ଡରେ ଏକାଧିକ ଦୁର୍ଘଟଣା ଘଟିବା ସହ ଯାତ୍ରୀଙ୍କ ଜୀବନ ବିପଦରେ ପଡୁଛି। ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ପାଇଁ ମାଞ୍ଜା ସୂତା ସାଜିଛି ବିପଦ। ଏହାକୁ ରୋକ୍ ଲଗାଇବାକୁ ପୁଲିସ ପକ୍ଷରୁ କଡା ପଦକ୍ଷେପ ନିଆଯାଇଛି। ଏନେଇ ଏକ ନ୍ୟୁଜ ସରବରାହ ପ୍ରକାଶ ପରେ ଚେତିଛି ପୁଲିସ ପ୍ରଶାସନ । ପୁରୀ ପୁଲିସ ପକ୍ଷରୁ ଏକାଧିକ ସ୍ଥାନରେ ଚଢ଼ଉ କରି ଗୁଡ଼ି ଓ ମାଞ୍ଜା ସୂତା ଜବତ କରାଯାଇଛି । ହେଲେ ସୁଦ୍ଧା ପୁଲିସ ଆଖିରେ ଧୂଳି ଦେଇ ରବିବାର ବିଭିନ୍ନ ସ୍ଥାନରେ ମାଞ୍ଜା ସୂତା ଗୁଡ଼ି ଉଡୁଥିବା ଦେଖିବାକୁ ମିଳିଥିଲା । ଯାହାର ପରିଣାମ ସ୍ୱରୂପ ଜନଗହଳି ପୂର୍ଣ୍ଣ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଏକ ଅଘଟଣଘଟି ଜଣେ ବ୍ୟକ୍ତିଙ୍କ ହାତରେ ଗଭୀର କ୍ଷତ ପହଞ୍ଚିଛି । ପାଖାପାଖି ଅପରାହ୍ଣ ୩ଟା ୩୦ ସମୟରେ ବାଲିଗୁଆଳିରେ ରହୁଥିବା ଦେବାଶିଷ କୁମାର (୪୫) ବଡ଼ଦାଣ୍ଡରେ ଯାଉଥିବା ବେଳେ ଏକ ମାଞ୍ଜା ସୂତା ସମ୍ମୁଖକୁ ଚାଲି ଆସିଥିଲେ। ସେ ଏକ ମୋଟା ଶୀତବସ୍ତ୍ର ପିନ୍ଧିଥିଲେ ସୁଦ୍ଧା ମାଞ୍ଜା ସୂତାଟି ତାଙ୍କର ଜ୍ୟାକେଟକୁ କାଟି ତାଙ୍କର ଡାହାଣ ବାହୁକୁ ଗଭୀର କ୍ଷତି ପହଞ୍ଚାଇଥିଲା । ସେ ଜ୍ୟାକେଟ ନ ପିନ୍ଧିଥିଲେ ଆହୁରି ବଡ଼ ଅଘଟଣ ଘଟିଥାନ୍ତା ବୋଲି କହିବା ସହ ପୁରୀ ବଡ଼ଦାଣ୍ଡରେ ଏଭଳି ହେବା ଦୁଃଖର ବିଷୟ ବୋଲି ପ୍ରକାଶ କରିଛନ୍ତି । ପୁରୀକୁ ଦେଶ ତଥା ଦେଶ ବାହାରୁ ପର୍ଯ୍ୟଟକ ଆସୁଛନ୍ତି । ଏଣୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ମାଞ୍ଜା ସୂତା ଗୁଡ଼ି ଉଡାଣ ଉପରେ ସମ୍ପୂର୍ଣ୍ଣ ରୋକ ଲାଗିବା ଆବଶ୍ୟକ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପୁଲିସ ପକ୍ଷରୁ ପୁରୀ ସହରର ବିଭିନ୍ନ ଅଞ୍ଚଳରେ ମାଞ୍ଜା ସୂତା ବିକ୍ରୟ ଓ ବ୍ୟବହାର ବିରୋଧରେ ଏକ ବିଶେଷ ଅଭିଯାନ ଆରମ୍ଭ କରାଯାଇଛି। ଏହି କ୍ରମରେ ବିଭିନ୍ନ ଗୁଡ଼ି ଦୋକାନ ଓ ବ୍ୟବସାୟୀଙ୍କ ପାଖରୁ ମୋଟ ୭୦ ବଣ୍ଡଲ୍ ମାଞ୍ଜା ଗୁଡ଼ି ସୂତା ଜବତ କରାଯାଇଛି। ଅବୈଧ ଭାବେ ମାଞ୍ଜା ସୂତା ବିକ୍ରୟ କରୁଥିବା ବ୍ୟକ୍ତିମାନଙ୍କୁ ଚେତାବନୀ ଦିଆଯାଇଛି। ଗୁଡ଼ି ଉଡ଼ାଉଥିବା ସମୟରେ ୧୨ ଜଣଙ୍କଠାରୁ ମଧ୍ୟ ଗୁଡ଼ି ଜବତ ହୋଇଛି । ୩୫ରୁ ଊର୍ଦ୍ଧ୍ୱ ମାଞ୍ଜା ସୂତା ଲାଗିଥିବା ଲଟେଇ ମଧ୍ୟ ପୁଲିସ ଜବତ କରିଛି। ପୁରୀ ପୁଲିସ ଦ୍ୱାରା ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ଡାକବାଜି ମାଧ୍ୟମରେ ଏହିପରି କାର୍ଯ୍ୟ ନ କରିବା ପାଇଁ ସୂଚନା ଦିଆଯାଉଛି । ପୁରୀ ପୁଲିସ ପକ୍ଷରୁ କୁହାଯାଇଛି ଯେ, ମାଞ୍ଜା ସୂତା ବିକ୍ରି ହେଉଥିବାର ନଜର ଆସିଲେ ସଂପୃକ୍ତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ମାଞ୍ଜା ସୂତା ବ୍ୟବହାର ଏବଂ ବିକ୍ରୟ ଆଇନତଃ ଅପରାଧ । ଏହା ମାନବ ଜୀବନ ସହିତ ପକ୍ଷୀ, ପଶୁ ଓ ପରିବେଶ ପାଇଁ ମଧ୍ୟ ଭୟଙ୍କର। ଏଣୁ ସହର ଓ ବଡ଼ଦାଣ୍ଡ ଅଞ୍ଚଳରେ ମାଞ୍ଜା ଲାଗିଥିବା ଗୁଡ଼ି ନ ଉଡାଇବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି । ଯଦି କେହି ମାଞ୍ଜା ସୂତା ବିକ୍ରି କିମ୍ବା ବ୍ୟବହାର କରୁଥିବା ଦେଖିବେ, ତେବେ ନିକଟସ୍ଥ ଥାନାକୁ କିମ୍ବା ୧୧୨କୁ କଲ୍ କରି ସୂଚନା ଦେବାକୁ କୁହାଯାଇଛି ।


ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-10 • Issue-28 • 14-20th January 2026 • Bhubaneswar

### ଆବଶ୍ୟକତା ମେଣ୍ଟାଇ ପାରୁନି ବିଭାଗ : ମାଛ ପାଇଁ ଆନ୍ଧ୍ର ଭରସା

### ଭାରତର ସାମୁଦ୍ରିକ ସୁରକ୍ଷା ମଜବୁତ ହେବ


## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଶିକ୍ଷାନୁଷ୍ଠାନରେ ପିଲାଙ୍କୁ ନିଶା ବନ୍ଦ ପାଇଁ ଶିକ୍ଷା ବିଭାଗ ତତ୍ପର

**ଭୁବନେଶ୍ୱର ୧୩।୧ ନ୍ୟୁଜ ବ୍ୟୁରୋ**

ନିଶା ମୁକ୍ତ କ୍ୟାମ୍ପସ୍ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ଶିକ୍ଷାନୁଷ୍ଠାନ କିଭଳି ହେବ ନିଶା ମୁକ୍ତ କ୍ୟାମ୍ପସ୍ ସେ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ । ମନ୍ତ୍ରୀ କହିଛନ୍ତି, ପୂର୍ବରୁ ମଧ୍ୟ ଏହା ଉପରେ ବରମ୍ବାର ଆଲୋଚନା ହୋଇଛି । ଏହା ବେଶ୍ ଗମ୍ଭୀର ବିଷୟ । ଓଡ଼ିଶାରେ ପ୍ରତି ଶିକ୍ଷାନୁଷ୍ଠାନରେ ପିଲାଙ୍କ ଠାରୁ କିଭଳି ନିଶା ବନ୍ଦ କରାଯିବ ସେ ନେଇ ବିଭାଗ ସବୁବେଳେ ତତ୍ପର ରହିଛି । ଏହାସହ କ୍ୟାମ୍ପସ୍ ଆଖପାଖରେ ଯେଭଳି ନିଶା କାରବାର ବନ୍ଦ ହେବ ସେ ନେଇ ଧ୍ୟାନ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

# ମାସକର ଶିଶୁକନ୍ୟାକୁ ବିକିଦେଲେ ବାପା-ମା'

## ଜେଜେମାଆଙ୍କ ଏତଲା ପରେ ୩ ଅଟକ

**ଭଦ୍ରକ, ୧୩/୦୧ ନ୍ୟୁଜ ବ୍ୟୁରୋ**

ପୁଣି ଅଲୋଡ଼ା ଶିଶୁକନ୍ୟା। ଭଦ୍ରକ ଥାନା ବୟାବନାପୁର ଅଞ୍ଚଳରେ ଏନେଇ ଚାଞ୍ଚଲ୍ୟ ଖେଳିଯାଇଛି। ମାସକର ଛୁଆକୁ ୨୦ ହଜାର ଟଙ୍କାରେ ବିକି ଦେଲେ ଜନ୍ମକଲା ବାପା-ମାଆ। ଭଣ୍ଡାରିପୋଖରୀ ଥାନାରେ ଏନେଇ ଜେଜେମାଆଙ୍କ ଏତଲା ଦେବାପରେ ତନାଘନା କରିଛି ପୁଲିସ। ଉକ୍ତ ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖିଛି। ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଧୀନ ବୟାବନାପୁର ଗାଁରେ ଏକ ମାସର ଶିଶୁକନ୍ୟା ବିକ୍ରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଶିଶୁକନ୍ୟାର ଜେଜେମାଆ ଭଣ୍ଡାରୀପୋଖରୀ ଥାନାରେ ଏତଲା ଦେଇଛନ୍ତି। ପୁଅ-ବୋହୂ ମିଶି ନାତୁଣୀକୁ ୨୦ ହଜାର ଟଙ୍କାରେ ବିକି ଦେଇଥିବା ବୃଦ୍ଧା ଜଣଙ୍କ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣାରେ ସମ୍ପୃକ୍ତ ଆଈ ଓ ଅଭିଯୁକ୍ତ ବାପା-ମାଆଙ୍କୁ ଉଠାଇ ଆଣିଛି।